# ଏକକ ୮ ଶିକ୍ଷଣ କାର୍ଯ୍ୟର ଯୋଜନା

## ସଂରଚନା

୮.୦ ଉପକ୍ରମ

୮.୧ ଶିକ୍ଷଣ ଉଦ୍ଦେଶ୍ୟ

୮.୨ ଶିକ୍ଷଣ କାର୍ଯ୍ୟର ଯୋଜନା

- ୮.୨.୧ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟ
- ୮.୨.୨ ସହ ଶୈକ୍ଷିକ କାର୍ଯ୍ୟ ଯୋଜନା

୮.୩ ପାଠ୍ୟଖସଡ଼ା

- ୮.୩.୧ ଆବଶ୍ୟକତା ଓ ଉଦ୍ଦେଶ୍ୟ
- ୮.୩.୨ ପାଠ୍ୟଖସଡା ପ୍ରସ୍ତୁତି

୮.୪ ଏକକ ଯୋଜନା

୮.୫ ପାଠ ଯୋଜନା

- ୮.୫.୧ ପାଠ ଯୋଜନାର ବୈଶିଷ୍ଟ୍ୟ
- ୮.୫.୨ ପାଠ ଯୋଜନାର ବିଷୟବସ୍ତୁ

୮.୬ ପାଠ ଟୀକା / ପାଠ ଡାଏରୀ

୮.୭ ସାରାଂଶ

୮.୮ ଆପଣଙ୍କ ଅଗ୍ରଗତି ତଦାରଖ ପାଇଁ

୮.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୮.୧୦ ଅଧ୍ୟାୟ ଶେଷ ପ୍ରଶ୍ନାବଳୀ

ଟିପ୍ପଣୀ

## ୮.୧ ଉପକ୍ରମ

ଆମ ଜୀବନର କୌଣସି କାର୍ଯ୍ୟ ବା ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଏକ ସଂଗଠିତ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ନା କେବଳ କାର୍ଯ୍ୟ ବା ଦାୟିତ୍ୱର ଉଦ୍ଦେଶ୍ୟକୁ ବୁଝିବାରେ ସାହାଯ୍ୟ କରିଥାଏ ବରଂ ସମୟ, ଶକ୍ତି ତଥା ସଂସାଧନଗୁଡ଼ିକର (ମାନବୀୟ, ଭୌତିକ ଓ ଆର୍ଥିକ) ଫଳପ୍ରଦ ଉପଯୋଗରେ ସହାୟତା କରିଥାଏ । ଉପଯୁକ୍ତ ଯୋଜନା କୌଣସି ପ୍ରକାରର କାର୍ଯ୍ୟ ଦାୟିତ୍ୱର ସଫଳତାପୂର୍ଣ୍ଣ ସମାପନ ପାଇଁ ଏକ ପୂର୍ବ ଆବଶ୍ୟକତା ଅଟେ । ବିଦ୍ୟାଳୟରେ ଶିକ୍ଷାଦାନ-ଶିକ୍ଷଣ ସମ୍ପାଦନ କରାଯାଉଥିବା କାର୍ଯ୍ୟପାଇଁ ମଧ୍ୟ ଏହା ସତ୍ୟ ଅଟେ । ଯେତେବେଳେ କୌଣସି ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ବା ଶୈକ୍ଷିକ କାର୍ଯ୍ୟ ସୁସଂଗଠିତ କରାଯାଇଥାଏ ଏବଂ ତଦନୁସାରେ ବ୍ୟବସ୍ଥିତ ଉପାୟରେ ଯୋଜନା କରାଯାଇ କରାଯାଏ, ଏହା ଶିକ୍ଷାର୍ଥୀର କାର୍ଯ୍ୟ ସମ୍ପାଦନରେ ଉନ୍ନତି ଆଣିଥାଏ । ଫଳରେ ଯୋଜନା ପ୍ରସ୍ତୁତ କରିଥିବା ଶିକ୍ଷକଙ୍କର ଦକ୍ଷତା ଓ କାର୍ଯ୍ୟକାରିତା ପ୍ରମାଣିତ ହୋଇଥାଏ । ଶିକ୍ଷାଦାନ ତଥା ତତ୍‌ସମ୍ବନ୍ଧୀୟ ଶୈକ୍ଷିକ କାର୍ଯ୍ୟର ଯୋଜନା ବ୍ୟତୀତ, ବିଭିନ୍ନ ସହାୟକ କାର୍ଯ୍ୟ ଯାହା ଶିକ୍ଷଣ ଓ ଶିକ୍ଷାଦାନ କାର୍ଯ୍ୟକୁ ବଳିଷ୍ଠ କରିଥାଏ, ସେଥିପାଇଁ ବିଚାର ସମ୍ମତ ଯୋଜନାର ମଧ୍ୟ ଆବଶ୍ୟକତା ରହିଛି । ତେଣୁକରି ଜଣେ ଶିକ୍ଷକ ହିସାବରେ ଆପଣଙ୍କୁ ଆପଣଙ୍କ ବିଦ୍ୟାଳୟରେ ଶିକ୍ଷାଦାନ ଓ ଶିକ୍ଷଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ସୁଚିନ୍ତିତ ଯୋଜନା ପାଇଁ ଯଥୋଚିତ ଗୁରୁତ୍ୱ ଦେବା ଆବଶ୍ୟକ ଅଟେ । ଏହି ଏକକରେ ଆମେ ବିସ୍ତାର ଭାବରେ ଆଲୋଚନା କରିବା, କିପରି ଶିକ୍ଷାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମିତ୍ତ ପ୍ରାରମ୍ଭିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଯୋଜନା ଓ ସଂଗଠନ କରାଯାଏ ।

ଏହି ଏକକର ସଂପୂର୍ଣ୍ଣ ବୋଧଗମ୍ୟତା ନିମିତ୍ତ ଆପଣ ପ୍ରାୟ ୮ ଘଣ୍ଟା ଶିକ୍ଷଣ ସମୟ ଆବଶ୍ୟକ କରିପାରନ୍ତି ।

ଟିପ୍ପଣୀ

## ୮.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ସମାପ୍ତି ପରେ, ଆପଣ

- ଗୋଟିଏ ଶିକ୍ଷାବର୍ଷରେ ପ୍ରାରମ୍ଭିକ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ ହେଉଥିବା ପାଠ ଓ ସହପାଠ୍ୟ କାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବାରେ ସମର୍ଥ ହେବେ ।
- ଆପଣଙ୍କ ବିଦ୍ୟାଳୟରେ ବିଭିନ୍ନ ସହପାଠ୍ୟ କାର୍ଯ୍ୟର ବାର୍ଷିକଯୋଜନା ବିକଶିତ କରିପାରିବେ ।
- ପୁରା ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଷୟରେ ଭିନ୍ନ ଭିନ୍ନ ଶ୍ରେଣୀ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ ।
- ଆପଣ ପଢାଉଥିବା ବିଭିନ୍ନ ବିଷୟରେ ଶ୍ରେଣୀଭିତ୍ତିକ ଏକକ ଯୋଜନା ତିଆରି କରିପାରିବେ ।
- ଆପଣଙ୍କ ଶିକ୍ଷାଦାନ ବିଷୟଗୁଡ଼ିକରେ ଦୈନିକ ପାଠ ଟୀକା / ଡାୟରୀ ପ୍ରସ୍ତୁତି ଓ ତାହାର ଉପଯୁକ୍ତ ବ୍ୟବହାର କରିପାରିବେ ।

## ୮.୨ ଶିକ୍ଷଣ କାର୍ଯ୍ୟର ଯୋଜନା

ଜଣେ ଶିକ୍ଷକ ହିସାବରେ ଭିନ୍ନ ଭିନ୍ନ ଶ୍ରେଣୀ ନିମିତ୍ତ ପାଠ ଖସଡ଼ାରେ ଦିଆଯାଇଥିବା ବିଭିନ୍ନ ବିଷୟ ଯଥା ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନର ପାଠ ପ୍ରସଙ୍ଗଗୁଡ଼ିକୁ ଶିକ୍ଷାଦାନ ଦେବା ଆପଣଙ୍କର ପ୍ରାଥମିକ ଓ ମୁଖ୍ୟ କର୍ତ୍ତବ୍ୟ ଅଟେ । ବିଷୟଗୁଡ଼ିକର ଶିକ୍ଷାଦାନ ବ୍ୟତୀତ ଆପଣ ପରୀକ୍ଷା ପରିଚାଳନା, ମୂଲ୍ୟାୟନ, ପ୍ରତିକାର ଭଳି ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ସମ୍ପାଦନ କରନ୍ତି । ଉଭୟ ଶିକ୍ଷାଦାନ ଓ ସଂପର୍କିତ ଶୈକ୍ଷିକ କାର୍ଯ୍ୟଗୁଡ଼ିକ

ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ । ଯାହାହେଉ ଶିକ୍ଷାଦାନ ଏବଂ ଶୈକ୍ଷିକ କାର୍ଯ୍ୟ ବ୍ୟତୀତ, ଆପଣ ବିଭିନ୍ନ କିସମର ଅଣଶୈକ୍ଷିକ କାର୍ଯ୍ୟ ସମ୍ପାଦନ କରନ୍ତି ଯାହା ଶିକ୍ଷାର୍ଥୀମାନଙ୍କର ଶାରିରୀକ, ପେଶୀୟ, ନୈତିକ, ସାମାଜିକ, ନାଗରିକ, ସୌନ୍ଦର୍ଯ୍ୟାତ୍ମକ, ସାହିତ୍ୟିକ, ସାଂସ୍କୃତିକ ଭଳି ବିଭିନ୍ନ ଦିଗରେ ବ୍ୟକ୍ତିତ୍ୱର ସାମଗ୍ରୀକ ବିକାଶ ସହାୟତା କରିଥାଏ । ଏହି ଦୁଇପ୍ରକାରର କାର୍ଯ୍ୟ ବିଦ୍ୟାର୍ଥୀମାନଙ୍କର ସମ୍ପୂର୍ଣ୍ଣ ବିକାଶ (ବୌଦ୍ଧିକ ତଥା ବ୍ୟକ୍ତିତ୍ୱ ବିକାଶ) ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏଥିପାଇଁ ଏଗୁଡ଼ିକର ଯୋଜନା ଓ ସଂଗଠନ ବିଦ୍ୟାଳୟରେ ଶୃଙ୍ଖଳିତ ଉପାୟରେ କରିବାକୁ ହେବ । ଜଣେ ଶିକ୍ଷକ ହିସାବରେ, ଏହି ପରିପ୍ରେକ୍ଷୀରେ ଆପଣଙ୍କ ଏକ ମୁଖ୍ୟ ଭୂମିକାରେ ଅଛନ୍ତି ।

## ୮.୨.୧ ପାଠ ଓ ସହପାଠ୍ୟ କାର୍ଯ୍ୟ

ଏଠାରେ ଗୋଟିଏ କାର୍ଯ୍ୟ ଆପଣଙ୍କ ପାଇଁ ଦିଆଯାଇଛି ।

**ଶିକ୍ଷଣକାର୍ଯ୍ୟ - ୧**

କୌଣସି ଏକ ଶିକ୍ଷାବର୍ଷରେ ଆପଣ ଆପଣଙ୍କ ବିଦ୍ୟାଳୟରେ ଯେତେପ୍ରକାର କାର୍ଯ୍ୟ ସମ୍ପାଦିତ କରିଛନ୍ତି, ସେସବୁ ମନେ ପକାନ୍ତୁ । ସେସବୁ କାର୍ଯ୍ୟକୁ ଦୁଇ ଭାଗରେ ବିଭାଜିତ କରନ୍ତୁ । ସ୍ତମ୍ଭ-୧ରେ ଶିକ୍ଷାଦାନ ସମ୍ବନ୍ଧୀତ ଓ ଶୈକ୍ଷିକ କାର୍ଯ୍ୟ ଏବଂ ସ୍ତମ୍ଭ-୨-ରେ ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟ ବ୍ୟତୀରେକ ଅନ୍ୟକାର୍ଯ୍ୟସବୁ ।

ସ୍ତମ୍ଭ-୧ ସ୍ତମ୍ଭ-୨

.................................................................................................

.................................................................................................

.................................................................................................

ଉପରୋକ୍ତ କାର୍ଯ୍ୟ ବିଭାଗୀକରଣରୁ ନିମ୍ନମତେ କୁହାଯାଇପାରେ ଯେ :-

୧. ସ୍ତମ୍ଭ-୧ରେ ଦର୍ଶାଯାଇଥିବା କାର୍ଯ୍ୟ, ଯଥା ବିଷୟଗୁଡ଼ିକର ଶିକ୍ଷାଦାନ (ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଇତ୍ୟାଦି) ବର୍ଗର ଭିନ୍ନ ଭିନ୍ନ ପରୀକ୍ଷା ସଂଚାଳନ, ଶିକ୍ଷାର୍ଥୀଙ୍କ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ, ବିଦ୍ୟାର୍ଥୀମାନଙ୍କର ପ୍ରଗତିପତ୍ର ପ୍ରସ୍ତୁତ କରିବା ଇତ୍ୟାଦିକୁ ପାଠ ତଥା ବିଦ୍ୟା ବିଷୟକ କ୍ରିୟାକଳାପ କୁହାଯାଏ । ଏହି କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ କଡାକଡି ଭାବେ ହୋଇଥାଏ । ତେଣୁକରି ଶ୍ରେଣୀର ସବୁ ଶିକ୍ଷାର୍ଥୀମାନଙ୍କ ପାଇଁ ଏହା ବାଧ୍ୟତାମୂଳକ ଅଟେ । ଏହି କାର୍ଯ୍ୟଗୁଡ଼ିକର ସଂଚାଳନ ନିମିତ୍ତ ଏକ ଔପଚାରିକ ସମୟ ସାରଣୀ ଅନୁସରଣ କରାଯାଏ ଯାହା ଶ୍ରେଣୀଗୃହ ପାଠରେ ଆବଦ୍ଧ ।

୨. ସ୍ତମ୍ଭ-୨ରେ ଦର୍ଶାଇଯାଇଥିବା କାର୍ଯ୍ୟ, ଯଥା ଖେଳକୁଦ, ସଂଗୀତ, ନୃତ୍ୟ, ଅଭିନୟ, ଗୀତବୋଲିବା, ବଗିଚାକାମ, ତର୍କ, ଭ୍ରମଣ, ପ୍ରଦର୍ଶନୀ ଇତ୍ୟାଦି ସବୁ ଶିକ୍ଷାମାନଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ଶିକ୍ଷାର୍ଥୀମାନେ ଏହି କାର୍ଯ୍ୟଗୁଡ଼ିକରେ ନିଜର ଯୋଗ୍ୟତା, ରୁଚି ତଥା ପସନ୍ଦ ଅନୁସାରେ ଭାଗ ନେଇଥାନ୍ତି । ପାଠ୍ୟ ବିଷୟମାନଙ୍କ ଭଳି ଏହି କାର୍ଯ୍ୟଗୁଡ଼ିକର ପରୀକ୍ଷା ହୋଇନଥାଏ । ଏହିସବୁ କାର୍ଯ୍ୟଗୁଡ଼ିକୁ ସହପାଠ୍ୟ କାର୍ଯ୍ୟ ବା କୁହାଯାଏ ଏବଂ ଶ୍ରେଣୀ ପାଠ ବାହାରରେ ଏଗୁଡ଼ିକୁ ସଂଗଠିତ କରାଯାଇଥାଏ । ଏହିସବୁ କାର୍ଯ୍ୟଗୁଡ଼ିକ ସବୁବେଳେ ଏକ ଆନୁଷ୍ଠାନିକ ଓ ଅନମନୀୟ ସମୟ ସାରଣୀ ସବୁ ସମୟରେ ଅନୁସରଣ କରିନଥାଏ ।

ଉଭୟପ୍ରକାରର କାର୍ଯ୍ୟ ପରସ୍ପରର ପରିପୂରକ ଅଟନ୍ତି, ସମାନ ଗୁରୁତ୍ୱ ଓ ଗୋଟିଏ ଶିକ୍ଷାବର୍ଷରେ ବିଦ୍ୟାଳୟର ସମଗ୍ର କାର୍ଯକ୍ରମର ଯୋଜନାବେଳେ ସମାନ ଗୁରୁତ୍ୱ ଓ ସହ ନିୟୋଜିତ ପୁରା କାର୍ଯ୍ୟକ୍ରମରେ ବରାବର ସ୍ଥାନ ତଥା ବହନ କରନ୍ତି । ପୂର୍ବରୁ ପାଠ କାର୍ଯ୍ୟଗୁଡିକ ଅଧିକ ଗୁରୁତ୍ୱ ଦିଆଯାଉଥିଲା ତଥା ଏହାକୁ ବିଦ୍ୟାଳୟର ପ୍ରାଥମିକ କାର୍ଯ୍ୟ

ଟିପ୍ପଣୀ

ବୋଲି ବୁଝାଯାଉଥିଲା । ଅନ୍ୟ କାର୍ଯ୍ୟଗୁଡିକୁ ବହୁତ କମ୍ ଗୁରୁତ୍ୱ ଦିଆଯାଉଥିଲା । ଏମିତି କେତେକ ବିବେଚନା କରନ୍ତି ସହପାଠ୍ୟ କାର୍ଯ୍ୟରେ ସମୟ ବିନିଯୋଗ କରିବା ବୃଥା ଅଟେ । କିନ୍ତୁ ବର୍ତ୍ତମାନ ସହପାଠ୍ୟ କାର୍ଯ୍ୟଗୁଡିକୁ ସମାନ ଗୁରୁତ୍ୱ ଦିଆଯାଉଛି କାରଣ ଏହିସବୁ କାର୍ଯ୍ୟକୁ ଶିକ୍ଷାର୍ଥୀମାନେ ଏକ ବାସ୍ତବିକ ଜୀବନ ସ୍ଥିତି ତଥା ଆନନ୍ଦଦାୟକ ପରିବେଶରେ ବହୁତ ପ୍ରକାରର ଦକ୍ଷତା ଓ କୌଶଳ ଶିଖିପାରିବେ । ଶିକ୍ଷାର୍ଥୀମାନଙ୍କର ସାମଗ୍ରୀକ ବିକାଶ ନିମିତ୍ତ ଏହିସବୁ କାର୍ଯ୍ୟଗୁଡ଼ିକର ଶିକ୍ଷଣ ଅତ୍ୟାବଶ୍ୟକ ଅଟେ ।

ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସହପାଠ୍ୟ କାର୍ଯ୍ୟଗୁଡ଼ିକର ଆୟୋଜନ କରିବା ଉଦ୍ଦେଶ୍ୟରେ ଏହାର ସଂକ୍ଷିପ୍ତ ଉପସ୍ଥାପନ ନିମ୍ନ ସାରଣୀରେ ଦିଆଯାଇଛି ।

**ସାରଣୀ ୮.୧**

**ବିଦ୍ୟାଳୟରେ ସହପାଠ୍ୟ କାର୍ଯ୍ୟଗୁଡ଼ିକର ପ୍ରକାରଭେଦ ଓ ଉଦ୍ଦେଶ୍ୟ**

| ବ୍ୟକ୍ତିତ୍ୱ ବିକାଶର ଦିଗ | ସହପାଠ୍ୟ କାର୍ଯ୍ୟ ଉଦାହରଣ | ଉଦ୍ଦେଶ୍ୟ |
|---|---|---|
| ଶାରିରୀକ ବିକାଶ | ଘର ବହାର ଓ ଭିତର ଖେଳ<br>କ୍ରୀଡ଼ା ସଂପର୍କିତ କାର୍ଯ୍ୟ<br>ବଗିଚା କାମ | ଶରୀରର ସ୍ୱାଭାବିକ ବୃଦ୍ଧି ଓ ବିକାଶରେ ସହାୟତା<br>ସୁନ୍ଦର ଶାରୀରିକ ସ୍ୱାସ୍ଥ୍ୟ ଓ ସାମର୍ଥ୍ୟ ବିକାଶରେ ସହାୟତା |
| ପେଶୀୟ ବିକାଶ | କାଦୁଆ ମାଟିରେ ଜିନିଷ ତିଆରି<br>ଟୋକେଇ ବୁଣିବା<br>ଖେଳନା ତିଆରି କରିବା<br>ବୁଣାବୁଣି କରିବା<br>କାର୍ଡବୋର୍ଡ କାମ<br>ପୁସ୍ତକ ବାନ୍ଧିବା କାମ<br>ରୋଷେଇ ଓ ଫୁଲ<br>ବଗିଚା କାମ | ମାଂସପେଶୀ ଓ ସ୍ନାୟୁ ମଧ୍ୟରେ<br>ସମନ୍ୱୟ ରଖିବାରେ ସହାୟତା<br>ସୌନ୍ଦର୍ଯ୍ୟ ବୋଧ ଓ ସମ୍ବେଦନଶୀଳତାର ବିକାଶରେ ସହାୟତା |

| | | |
|---|---|---|
| ଭାଷା ବିକାଶ | ତର୍କ<br>ଗଳ୍ପ ଓ ପ୍ରବନ୍ଧ ଲିଖନ<br><br>ଆବୃତ୍ତି<br>କାନ୍ଥ ଓ ବିଦ୍ୟାଳୟ ପତ୍ରିକା ବିଷୟ<br><br>ଖବରକାଗଜ ପଠନ | ଭାଷାଗତ ଦକ୍ଷତା ଓ<br>କଥନ ବିକାଶ,<br>ବିଚାର ତଥା ଅଭିବ୍ୟକ୍ତି,<br>ସୃଜନଶୀଳତା,<br>ରଚନା, ଦକ୍ଷତାର ବିକାଶ<br><br>ସାହିତ୍ୟିକ ଭାବଧାରା ଓ ରୁଚିର |
| ସୌନ୍ଦର୍ଯ୍ୟବୋଧ ଓ<br>ସାଂସ୍କୃତିକ ବିକାଶ | ସଙ୍ଗୀତ<br>ନୃତ୍ୟ<br>ଅଭିନୟ<br>ଚିତ୍ରାଙ୍କନ<br>ଚିତ୍ର ଆଙ୍କିବା<br>ଫ୍ୟାନସି ଡ୍ରେସ<br>ପୁଷ୍ପ ଉତ୍ସବ<br>ପ୍ରଦର୍ଶନୀ<br>ବିଦ୍ୟାଳୟ ସଜ୍ଜା<br>ଲୋକଗୀତ | ସାଂସ୍କୃତିକ ଐତିହ୍ୟ ଓ<br>ପରମ୍ପରାବୋଧର ବିକାଶ<br>ସାଂସ୍କୃତିକ ଉପାଦାନ ଓ<br>ଲୋକାଚାର ସହିତ<br>ପରିଚୟ ହେବାର ମାନସିକତା<br>ସାଂସ୍କୃତିକ ରଚିରେ ବିକାଶ<br>ସାଂସ୍କୃତିକ ସଚେତନତା<br>ଓ ଆଗ୍ରହର ବିକାଶ<br>ସୌନ୍ଦର୍ଯ୍ୟବୋଧ<br>ସମ୍ବେଦନଶୀଳତାର ବିକାଶ |
| ନାଗରିକତାର<br>ବିକାଶ | ସାମାଜିକ ଉତ୍ସବ, ରାଷ୍ଟ୍ରୀୟ<br>ଦିବସ<br>ବିଦ୍ୟାଳୟ<br>ଉତ୍ସବ ପାଳନ<br>ଶିକ୍ଷାର୍ଥୀଙ୍କ ସ୍ୱାୟତ ସରକାର<br>ଛାୟା ସଂସଦ<br>ବିଦ୍ୟାଳୟରେ ସମବାୟ ଭଣ୍ଡାର<br>ପରିଚାଳନା<br>ଗ୍ରାମ ପଞ୍ଚାୟତ, ନଗରପାଳିକା<br>କାର୍ଯ୍ୟାଳୟ, ଉଚ୍ଚ ନ୍ୟାୟାଳୟ ଓ<br>ବିଧାନସଭା ପରିଦର୍ଶନ | ନାଗରୀକ ଜୀବନର ସମୃଦ୍ଧ<br>ଅଭିଜ୍ଞତା ଆହରଣରେ<br>ଗଣତାନ୍ତ୍ରିକ ଜୀବନଧାରାକୁ<br>ବୁଝିବାରେ ସହାୟତା<br>ନାଗରିକତା ସମ୍ବନ୍ଧୀୟ ପ୍ରଶିକ୍ଷଣ<br>ସାହସ, ଶିଷ୍ଟାଚାର ତଥା<br>ଆଚରଣର ବିକାଶରେ ସହାୟତା |
| ସାମାଜିକ ବିକାଶ | ପ୍ରାତଃ ସଭା | ସାମାଜୀକିକରଣ |

ଟିପ୍ପଣୀ

| | | |
|---|---|---|
| | ରେଡ୍‌କ୍ରସ୍ | ସାମାଜିକ ଜୀବନ କୌଶଳ |
| | ଜଙ୍ଗଲ ସଂରକ୍ଷଣ ସହାୟତା | ଅନ୍ୟମାନଙ୍କ ସହିତ ଦାୟିତ୍ୱ ବାଣ୍ଟିବା |
| | ଗ୍ରାମ ସର୍ବେକ୍ଷଣ | ଟୀମ୍‌ର କାର୍ଯ୍ୟ ତଥା ନେତୃତ୍ୱ |
| | ସଫେଇ କାର୍ଯ୍ୟ | ଦଳ ଓ ରାଷ୍ଟ୍ର ପ୍ରତି କୃତଜ୍ଞତା |
| | ସଚେତନତା ଅଭିଯାନ | ସାମାଜିକ ସେବା ପ୍ରଦାନ କରିବାରେ |
| ଅଭିରୁଚିର ବିକାଶ | ମନୋରଞ୍ଜନ ତଥା ଅବକାଶ ସମୟର କାର୍ଯ୍ୟ | ଅବକାଶ ସମୟର ଉପଯୁକ୍ତ ବିନିଯୋଗ |
| | ଡାକଟିକଟ ସଂଗ୍ରହ | ମାନସିକ |
| | ମୁଦ୍ରା ସଂଗ୍ରହ | ଓ ନୈତିକ ସ୍ୱାସ୍ଥ୍ୟର ବିକାଶ |
| | ଚିତ୍ର, ପଥର, ଦିଆସିଲି ଇତ୍ୟାଦି ସଂଗ୍ରହ | ଯୁକ୍ତସୁଲଭ ଆଗ୍ରହର ବିକାଶ ସୃଜନଶୀଳତାର ବିକାଶ |
| | ଏଲବମ୍ ତିଆରି | ଶିକ୍ଷଣର କାର୍ଯ୍ୟର |
| | ଫୋଟୋଗ୍ରାଫି | ନୀରସତାକୁ କମେଇବା |
| | ଭ୍ରମଣ | ପ୍ରାସଙ୍ଗିକ |
| ଦୃଷ୍ଟକୋଣର ବିକାଶ | ଭ୍ରମଣ ବଣଭୋଜି | ସନ୍ଦର୍ଭିତ ଜ୍ଞାନର ଉନ୍ନତି |
| | ସଂଗ୍ରହାଳୟ, ଚିଡ଼ିଆଘର ତଥା ଆକ୍ୱାରିୟମ ପରିଦର୍ଶନ | ଜ୍ଞାନ ବା ଦୃଷ୍ଟିକୋଣର ବିସ୍ତାର |
| | ଐତିହାସିକ, ସାଂସ୍କୃତିକ ତଥା ଭୌଗୋଳିକ, ଐତିହାସିକ, ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ସ୍ଥାନର ପରିଦର୍ଶନ | ପ୍ରତ୍ୟେକ୍ଷ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରୟୋଗାତ୍ମକ ମାଧ୍ୟମରେ ସମୃଦ୍ଧ ବ୍ୟବହାରିକ ଅଭିଜ୍ଞତା ଦ୍ୱାରା ଜ୍ଞାନ ଓ ଦୃଷ୍ଟିଭଙ୍ଗୀର ବିସ୍ତାର |

ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା କାର୍ଯ୍ୟଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ । ଆପଣ ଏଥିରେ ଆଉ କିଛି କାର୍ଯ୍ୟ ଯୋଡ଼ିପାରିବେ ଯାହା ଆପଣ ନିଜ ବିଦ୍ୟାଳୟରେ ଆୟୋଜନ କରୁଛନ୍ତି ଏବଂ ଏହାର ଇପସିତ ଉଦ୍ଦେଶ୍ୟଗୁଡ଼ିକୁ ସୂଚିତ କରନ୍ତୁ ।

**ଶିକ୍ଷଣକାର୍ଯ୍ୟ - ୨**

ସହପାଠ୍ୟ କାର୍ଯ୍ୟ ଯାହା ଆପଣ ନିଜ ଶ୍ରେଣୀରେ କରିପାରିବେ ତାର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ।

ଅଭ୍ୟାସ-୧ : ବିଦ୍ୟାଳୟରେ ସହପାଠ୍ୟ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ପାଇଁ କାହିଁକି ଅତ୍ୟାବଶ୍ୟକ ? ଏହାର ଦୁଇଟି କାରଣ ଦର୍ଶାଅ ।

## ୮.୨.୨ ସହପାଠ୍ୟ କାର୍ଯ୍ୟର ଯୋଜନା

ପାଠ ଏବଂ ସହପାଠ୍ୟ କାର୍ଯ୍ୟର ଯୋଜନା ସଂପୂର୍ଣ୍ଣଭାବରେ ଅଲଗା ଅଟେ । ଯୋଜନା ତିଆରି କରିବାରେ ନିମ୍ନଲିଖିତ କଥାକୁ ଧ୍ୟାନରେ ରଖିବା ଦରକାର ।

- ସେସବୁର କାର୍ଯ୍ୟକାରିତା ନିମିତ୍ତ ସହାୟତା ।
- କାର୍ଯ୍ୟତଃ ସେମାନେ ପରସ୍ପରର ପରିପୂରକ ଓ ଅନୁପୂରକ ।
- ଉପଲବ୍ଧ ସମୟ ଓ ସାଧନଗୁଡ଼ିକର ସର୍ବାଧିକ ବିନିଯୋଗର ସୁବିଧା ।
- ବିଦ୍ୟାଳୟ ସହପାଠ୍ୟ କାର୍ଯ୍ୟଗୁଡ଼ିକର ଯୋଜନା କରିବା ସମୟରେ ନିମ୍ନଲିଖିତ ଚାରିଗୋଟି ମହତ୍ତ୍ୱପୂର୍ଣ୍ଣ ଦିଗକୁ ଗ୍ରହଣ କରାଯାଇଥାଏ ।
- କାର୍ଯ୍ୟଗୁଡ଼ିକର ନ୍ୟାୟସଙ୍ଗତ ନିର୍ବାଚନ ହେବା ଉଚିତ ।
- କାର୍ଯ୍ୟଗୁଡ଼ିକର ପରିଚାଳନା ନିମିତ୍ତ ସମୟ ଓ ସ୍ଥାନର ବ୍ୟବସ୍ଥା ।
- ଅଭିପ୍ରେରଣାର ବ୍ୟବସ୍ଥା
- ଉପଦେଶ ପ୍ରତିପୁଷ୍ଟିର ବ୍ୟବସ୍ଥା

ଟିପ୍ପଣୀ

**କାର୍ଯ୍ୟସମୂହର ନିର୍ବାଚନ :**

ସମୟ, ସ୍ଥାନ ଓ ସାଧନର ଅଭାବ ହେତୁ ବାସ୍ତବରେ ଯେ କୌଣସି ବିଦ୍ୟାଳୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷା ବର୍ଷରେ ସବୁପ୍ରକାରର ସହପାଠ୍ୟ କାର୍ଯ୍ୟ ଆୟୋଜନ କରିବା ପ୍ରକୃତରେ ସମ୍ଭବ ହୋଇନଥାଏ । ତେଣୁ ଆପଣ କାର୍ଯ୍ୟଗୁଡ଼ିକର ନ୍ୟାୟସଙ୍ଗତ ନିର୍ବାଚନ କରିବା ଆବଶ୍ୟକ । ସହପାଠ୍ୟ କାର୍ଯ୍ୟଗୁଡ଼ିକର ଉପଯୁକ୍ତ ନିର୍ବାଚନ ନିମିତ୍ତ ଏଠାରେ ଆପଣଙ୍କ ପାଇଁ କେତେକ ସହାୟକ ସୂଚନା ଦିଆଯାଇଛି ।

- ଭିନ୍ନ ଭିନ୍ନ କାର୍ଯ୍ୟରେ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବା ନିମିତ୍ତ ଯୁକ୍ତିଯୁକ୍ତ ଭାବେ କାର୍ଯ୍ୟଗୁଡ଼ିକର ସଂଖ୍ୟା ଓ ବିବିଧତା ବ୍ୟାପକ ହେବା ଉଚିତ ।
- କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଉପରେ ଅତ୍ୟଧିକ ଚାପ ଲଦିଦେବା ଉଚିତ ନୁହେଁ ।
- କାର୍ଯ୍ୟଗୁଡ଼ିକ ଏପରି ହେବା ଦରକାର, ଯାହା ଶିକ୍ଷାର୍ଥୀମାନଙ୍କର ସ୍ୱତଃସ୍ଫୁର୍ତ୍ତ ଅଂଶଗ୍ରହଣ ନିରନ୍ତର ଭାବରେ ଆକର୍ଷିତ କରିବ ।
- କାର୍ଯ୍ୟଗୁଡ଼ିକ ମିତବ୍ୟୟୀ ହେବା ଦରକାର, ଏପରିକି ଏହା ବିଦ୍ୟାଳୟର ସୀମିତ ସାଧନ ଭିତରେ ସଂଗଠିତ ହୋଇପାରିବ ।
- କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ଓ ଆଗ୍ରହ ଅନୁଯାୟୀ ହେବା ଉଚିତ୍ ।

**ସମୟ ଏବଂ ସ୍ଥାନର ବ୍ୟବସ୍ଥା :**

ସମୟ ଓ ସ୍ଥାନର ଉପଲବ୍ଧତା ଓ ଉପଯୁକ୍ତତାକୁ ଆଧାର କରି, ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟସବୁର ଯୋଜନା ଓ ସଂଗଠନ କରିବାକୁ ହେବ । କେତେକ ଶ୍ରେଣୀ ବାହାର ଓ ଭିତର କାର୍ଯ୍ୟ ବିଦ୍ୟାଳୟର ନିୟମିତ ସମୟ ସାରଣୀ ଭିତରେ ସ୍ଥାନ ଆବଶ୍ୟକ କରୁଥିବା ବେଳେ ଆଉ କେତେକ ବିଦ୍ୟାଳୟ କାର୍ଯ୍ୟ ସମୟ ପରେ ସେମାନଙ୍କର ସଂଗଠନ ପାଇଁ ସ୍ଥାନ ଆବଶ୍ୟକ କରନ୍ତି । ସର୍ବୋପରି କେତେକ ଶ୍ରେଣୀ ବାହାର କାର୍ଯ୍ୟର ଯୋଜନା ଓ ସଂଗଠନ ନିର୍ଦ୍ଦିଷ୍ଟ ଋତୁ ଓ ମାସଗୁଡ଼ିକରେ କରାଯାଇପାରେ ।

ଏହି ସବୁ କାର୍ଯ୍ୟର ଯୋଜନା ସମଗ୍ର ଶିକ୍ଷାବର୍ଷ ପାଇଁ ତାରିଖ ଓ ମାସ ଅନୁଯାୟୀ କରିବାକୁ ହେବ । ନାନାବିଧ ଶ୍ରେଣୀ ଭିତର କାର୍ଯ୍ୟର ପରିଚାଳନା ନିମନ୍ତେ ବିଦ୍ୟାଳୟରେ ଅଲଗା କୋଠରୀର ଆବଣ୍ଟନ କରାଯାଇପାରେ ।  ସ୍ଥାନ କଥା କହିବାକୁ ଗଲେ ଏହି ସବୁ କାର୍ଯ୍ୟ ବିଦ୍ୟାଳୟ ପରିସର ଭିତରେ ସଂଗଠିତ କରାଯାଇପାରେ ଯଦି ସେଠାରେ ପର୍ଯ୍ୟାପ୍ତ ଓ ଉପଯୁକ୍ତ ସ୍ଥାନ ଉପଲବ୍ଧ ଥାଏ । ବିଦ୍ୟାଳୟ ପରିସର ଭିତରେ ପର୍ଯ୍ୟାପ୍ତ ଓ ଉପଯୁକ୍ତ ସ୍ଥାନର ଉପଲବ୍ଧ ନଥାଏ, ତେବେ ସେହି କାର୍ଯ୍ୟଗୁଡ଼ିକ ବିଦ୍ୟାଳୟ ନିକଟରେ ଥିବା ଖୋଲା ସ୍ଥାନରେ ସଂଗଠିତ କରାଯାଇପାରେ ।

**ଅଭିପ୍ରେରଣାର ବ୍ୟବସ୍ଥା :**

ଆପଣଙ୍କର ବିଦ୍ୟାର୍ଥୀମାନଙ୍କୁ ସେହି କାର୍ଯ୍ୟଗୁଡ଼ିକରେ ବହୁଳ ଭାବରେ ଭାଗନେବାକୁ ଅଭିପ୍ରେରିତ କରିବା ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିପାରିବେ ।

- ବିଦ୍ୟାଳୟର ସୂଚନା ଫଳକରେ ଶିକ୍ଷାର୍ଥୀମାନଙ୍କ ଜାଣିବା ନିମିତ୍ତ କାର୍ଯ୍ୟଗୁଡ଼ିକର ଦୀର୍ଘତାଲିକା ପ୍ରଦର୍ଶିତ କରିବ ।
- ନିର୍ଦ୍ଦିଷ୍ଟ କାର୍ଯ୍ୟ / କାର୍ଯ୍ୟଗୁଡ଼ିକରେ ଅଂଶଗ୍ରହଣ ପାଇଁ ପିଲାମାନଙ୍କ ଆଗ୍ରହ ସୃଷ୍ଟି ଓ ଆଗ୍ରହ ଅନୁସାରେ ପିଲାମାନଙ୍କୁ ଆମନ୍ତ୍ରଣ କରିବା ।
- ପରାମର୍ଶଦାତା ଓ ସହାୟକ ରୂପେ ଅଭିନୟପୂର୍ବକ ଏହି କାର୍ଯ୍ୟଗୁଡ଼ିକର ପରିଚାଳନା ନିମିତ୍ତ ପଦକ୍ଷେପ ନେବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବ ।
- ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରିତ କରିବାକୁ ପ୍ରତ୍ୟେକ କାର୍ଯ୍ୟର କାର୍ଯ୍ୟକାରିତା ଓ ସଂଗଠନର ଉପାୟ ସ୍ପଷ୍ଟରୂପେ ବର୍ଣ୍ଣିତ ହେବା ଉଚିତ୍ ।

**ପରାମର୍ଶ ଦେବାର ବ୍ୟବସ୍ଥା :**

ଉକ୍ତ କାର୍ଯ୍ୟଗୁଡ଼ିକର ସଞ୍ଚାଳନ ପାଇଁ ଉପଯୁକ୍ତ ସମୟରେ ଉପଦେଶ / ପ୍ରତିପୁଷ୍ଟ ପ୍ରଦାନ (Feedback) ନିମିତ୍ତ ଆପଣ ନିମ୍ନୋକ୍ତ ଦିଗକୁ ବିଚାର କରିବା ଆବଶ୍ୟକ ।

- ଆପଣଙ୍କ ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ନିଜ ରୁଚି ଅନୁସାରେ ଯେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟର ଦାୟିତ୍ୱରେ ରହିବା ଆବଶ୍ୟକ ।
- ସଂପୃକ୍ତ କାର୍ଯ୍ୟଗୁଡ଼ିକୁ ସଂଗଠିତ କରିବାପାଇଁ ଆପଣ ଆଗ୍ରହ ଓ ସକରାତ୍ମକ ମନୋବୃତ୍ତି ପ୍ରଦର୍ଶିତ କରିବା ସହ ପର୍ଯ୍ୟାପ୍ତ ଅଭିଜ୍ଞତାର ଅଧିକାରୀ ହେବା ଉଚିତ ।
- ଶିକ୍ଷାର୍ଥୀ ତଥା ଅନ୍ୟମାନଙ୍କ ପ୍ରତିପୁଷ୍ଟିକୁ ଆପଣ ବିଚାରକୁ ନେବା ଉଚିତ ।
- ଏହି କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ ଓ ଅର୍ଥପୂର୍ଣ୍ଣ କରିବାକୁ ବିଦ୍ୟାଳୟରେ ପର୍ଯ୍ୟାପ୍ତ ବ୍ୟବସ୍ଥାଗତ ସହାୟତା (ଯନ୍ତ୍ରପାତି ଓ ସାମଗ୍ରୀ) ଆପଣ ନିଶ୍ଚିତ କରିବା ଉଚିତ ।
- ଏକ ନିର୍ଦ୍ଦିଷ୍ଟ ସମସ୍ୟା / କାର୍ଯ୍ୟ ଉପରେ ଶିକ୍ଷାର୍ଥୀମାନଙ୍କୁ ଉପଦେଶ ଦେବା ସମୟରେ ଶିକ୍ଷକମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ରହିବା ଉଚିତ ।

## ୮.୩ ପାଠ୍ୟ ଖସଡା

ସମଗ୍ର ଶିକ୍ଷାବର୍ଷରେ ସହପାଠ୍ୟ କାର୍ଯ୍ୟଗୁଡ଼ିକୁ ଆବଣ୍ଟନ କଲାଭଳି, ଆପଣଙ୍କୁ ଶିକ୍ଷାବର୍ଷ ପାଇଁ ନିର୍ଦ୍ଧାରିତ ପାଠ୍ୟ ବ୍ୟବସ୍ଥାର ଆବଣ୍ଟନ ନିମିତ୍ତ ପ୍ରସ୍ତୁତି କରିବାକୁ ପଡିବ । ନିର୍ଦ୍ଧାରିତ ପାଠ୍ୟ ଖସଡା ଅନୁସାରେ ଆପଣ ନିଜ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପାଠ୍ୟ ବିଷୟ (ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ) ଶିକ୍ଷାଦାନ କରନ୍ତି । ପ୍ରତ୍ୟେକ ଶ୍ରେଣୀ ପାଇଁ ଓ ପ୍ରତି ବିଷୟରେ ଏକାଧିକ ଏକକ / ପ୍ରସଙ୍ଗ ରୂପେ କେତେକ ପାଠ୍ୟ ପ୍ରସଙ୍ଗ ଗୋଟିଏ ଶିକ୍ଷାବର୍ଷରେ ଶିକ୍ଷାର୍ଥୀମାନଙ୍କୁ ପଢ଼ାଯିବାକୁ ପାଠ୍ୟଖସଡାରେ ନିର୍ଦ୍ଧାରଣ କରାଯାଇଅଛି । ନିର୍ଦ୍ଧାରିତ ପାଠ୍ୟପ୍ରସଙ୍ଗଗୁଡ଼ିକର ଶିକ୍ଷାଦାନ ସମାପ୍ତ କରିବା ଓ ସେହି ଶିକ୍ଷାବର୍ଷର ନିର୍ଦ୍ଧାରିତ ସମୟ ଅବଧି ଭିତରେ ଆପଣ ପଢାଉଥିବା ଶ୍ରେଣୀଗୁଡ଼ିକରେ ବିଷୟ ସଂପର୍କିତ ଶୈକ୍ଷିକକାର୍ଯ୍ୟକୁ ହାତକୁ ନେବା ଆପଣଙ୍କର ଦାୟିତ୍ୱ ଅଟେ । ଏହି ଦାୟିତ୍ୱକୁ କିପରି ଶୃଙ୍ଖଳିତ ଓ ସଫଳତାର ସହ ସଂପାଦନ କରିବେ ତାହା ଆପଣଙ୍କର ବଡ଼ ଦାୟିତ୍ୱ । ଏଥିପାଇଁ ଆପଣ ବିଭିନ୍ନ ଶ୍ରେଣୀ ନିମିତ୍ତ ଭିନ୍ନଭିନ୍ନ ବିଷୟ ଓ ମୁଖ୍ୟ ଦକ୍ଷତା ଅନୁଯାୟୀ

ନିଜର ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟଗୁଡ଼ିକର ଯୋଜନା କରିବାକୁ ପଡ଼ିବ । ଆପଣଙ୍କ ଯୋଜନା ନିମ୍ନୋକ୍ତ ବିଷୟକୁ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରିବା ଆବଶ୍ୟକ ।

୧. ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟରେ ଏକକ ଓ ଉପଏକକଗୁଡ଼ିକ କେଉଁ ମାସ ଓ କେଉଁ ତାରିଖ / ଦିନରେ ଶିକ୍ଷାର୍ଥୀମାନଙ୍କୁ ପଢ଼ାଯିବ ।

୨. ଆପଣଙ୍କ ବିଦ୍ୟାଳୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷରେ ଶୈକ୍ଷିକକାର୍ଯ୍ୟ ଗୋଟିଏ ମାସର କେଉଁ ତାରିଖ / ଦିନରେ ହାତକୁ ନିଆଯିବ ।

ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟରେ ସପ୍ତାହ, ମାସ ଓ ସମଗ୍ର ଶିକ୍ଷାବର୍ଷକୁ ନେଇ ପାଠ୍ୟକାର୍ଯ୍ୟଗୁଡ଼ିକ ବିସ୍ତାରିତ ହୋଇଥାଏ । ଏହି ଯୋଜନାକୁ "ପାଠ୍ୟଖସଡ଼ା" କୁହାଯାଏ । ପାଠ୍ୟଖସଡ଼ା ଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ, ଶ୍ରେଣୀ ଓ ମୁଖ୍ୟ ଦକ୍ଷତା ଭିତ୍ତିକ ଅଟେ । ଆପଣଙ୍କୁ ମନେ ରଖିବାକୁ ପଡ଼ିବ ଗୋଟିଏ ବିଷୟରେ ପାଠ୍ୟଖସଡା ସେହି ବିଷୟର ପାଠସୂଚୀଠାରୁ ଭିନ୍ନ ଅଟେ ।

ମୋଟାମୋଟି ଭାବେ କହିବାକୁ ଗଲେ ପାଠ୍ୟସୂଚୀ ସମଗ୍ର ଶିକ୍ଷାବର୍ଷ ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀପାଇଁ ନିର୍ଦ୍ଦିଷ୍ଟ ବିଷୟରେ ପଢ଼ାଯିବାକୁ ଥିବା ପାଠ୍ୟପ୍ରସଙ୍ଗ, ପାଠ୍ୟ ଉଦ୍ଦେଶ୍ୟ, ଶିକ୍ଷାଦାନ ପଦ୍ଧତି, ମୂଲ୍ୟାୟନ କୌଶଳ ଓ କରାଯିବାକୁ ଥିବା ଅନ୍ୟାନ୍ୟ ସଂପର୍କିତ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ସେହିପରି ନିର୍ଦ୍ଧାରିତ ପାଠ୍ୟସୂଚୀକୁ ଗୋଟିଏ ସମଗ୍ର ଶିକ୍ଷାବର୍ଷରେ ସଂପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେହିଶ୍ରେଣୀ ଓ ବିଷୟର ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ ପ୍ରକ୍ରିୟାକୁ ପାଠ୍ୟଖସଡ଼ା ସ୍ଥିର କରେ । ପାଠର ରୂପରେଖଗୁଡ଼ିକ ପୁରା ଶିକ୍ଷା ବର୍ଷରେ ଏକକକ୍ଷ ପାଇଁ ତଥା ଏହା ସହିତ ସମ୍ବନ୍ଧିତ ବିଷୟ ପାଇଁ ଶିକ୍ଷାଦାନ ଓ ନିର୍ଦ୍ଦେଶିତ କ୍ରିୟାକଳାପଗୁଡ଼ିକୁ ସଞ୍ଚାଳିତ କରିବାର ପ୍ରକ୍ରିୟାକୁ ପ୍ରସ୍ତୁତି କରିବା ଯାହା ଫଳରେ ଦିଆଯାଇଥିବା ସିଲାବସକୁ ସମ୍ପୂର୍ଣ୍ଣ କରିବା ।

**ଅଭ୍ୟାସ-୨**

ପାଠ୍ୟସୂଚୀ ଓ ପାଠ୍ୟଖସଡା ମଧ୍ୟରେ ଥିବା ଦୁଇଟି ପାର୍ଥକ୍ୟ ଲେଖ ।

.......................................................................

.......................................................................

.......................................................................

**୮.୩.୧ ଆବଶ୍ୟକତା ଓ ଉଦ୍ଦେଶ୍ୟ**

ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ସୁବ୍ୟବସ୍ଥିତ କରିବା ପାଇଁ ପାଠ୍ୟଖସଡା ଆବଶ୍ୟକ କରିଥାଏ । ଭିନ୍ନ ଭିନ୍ନ ଶ୍ରେଣୀପାଇଁ ବିଭିନ୍ନ ବିଷୟରେ ପାଠ୍ୟଖସଡା ପ୍ରସ୍ତୁତି କରିବାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା -

(କ) ନିର୍ଦ୍ଧାରିତ ପାଠ୍ୟପ୍ରସଙ୍ଗର ଶିକ୍ଷଣ-ଶିକ୍ଷାଦାନକୁ ସମୟୋଚିତ ଓ ସଫଳତାର ସହ ସଂପୂର୍ଣ୍ଣ କରିବା ଏବଂ

(ଖ) ସମଗ୍ର ଶିକ୍ଷାବର୍ଷ ପାଇଁ ନିର୍ଦ୍ଧାରିତ ସଂପୃକ୍ତି ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ଫଳପ୍ରଦ ଭାବେ ପରିଚାଳନା କରିବା ।

ଏହା ଆପଣଙ୍କ ପାଇଁ ଏକ ମାର୍ଗଦର୍ଶକ ଅଟେ । ଆପଣ ଶିକ୍ଷାଦାନରେ ସୁବ୍ୟବସ୍ଥିତ ଓ ଫଳପ୍ରଦ ଅଗ୍ରଗତି କରିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ଓ ବିଦ୍ୟାଳୟରେ ବର୍ଷସାରା ଶିକ୍ଷଣକୁ ସହାୟତା ଦିଏ ଏବଂ ପାଠ୍ୟସୂଚୀରେ ବର୍ଣ୍ଣିତ କାର୍ଯ୍ୟଗୁଡ଼ିକୁ ଠିକ୍ ସମୟରେ ସଂପୂର୍ଣ୍ଣ କରିଥାଏ । ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପାଠ୍ୟଖସଡା ପ୍ରସ୍ତୁତି ହୋଇଥାଏ ଏବଂ ଏହା ଭିତରୁ ନିମ୍ନୋକ୍ତ କେତେକ ହେଲା -

- ମାସିକ ପାଠ୍ୟ ଖସଡା
- ବାର୍ଷିକ ପାଠ୍ୟ ଖସଡା

**ମାସିକ ପାଠ୍ୟ ଖସଡା :**

ଗୋଟିଏ ମାସରେ ଉପଲବ୍ଧ କାର୍ଯ୍ୟଦିବସର ସଂଖ୍ୟା ଓ ସଂପୃକ୍ତ ବିଷୟର ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟ ନିମିତ୍ତ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଦୃଷ୍ଟିଦେଇ ପ୍ରତି ଶ୍ରେଣୀ ପାଇଁ ପ୍ରତି ବିଷୟରେ ମାସିକ ପାଠ୍ୟଖସଡା ପ୍ରସ୍ତୁତ ହୋଇଥାଏ । ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ବିଚାର ଆଧାରରେ ଓ ପ୍ରସଙ୍ଗର ମାତ୍ରା ଏବଂ ପାଠ୍ୟସୂଚୀରେ ବିଷୟର ନିର୍ଦ୍ଧାରିତ ଏକକର ଗୁରୁତ୍ୱକୁ ନିର୍ଭରକରି ସାରା ଶିକ୍ଷାବର୍ଷରେ କେଉଁ ଏକକ କେଉଁ ମାସରେ ପଢାଯିବ ତାହା ନିଶ୍ଚିତ କରାଯାଇଥାଏ । ସହଜ ଓ ସୁବିଧାଜନକ ଶିକ୍ଷାଦାନରେ ସହାୟତା ଓ ସେହି ମାସଗୁଡ଼ିକରେ ସଂପୃକ୍ତ ଶିକ୍ଷକ କାର୍ଯ୍ୟଗୁଡ଼ିକୁ ଠିକ୍ ସମୟରେ ସାରିବା ପାଇଁ ଅନ୍ୟ ଅର୍ଥରେ କହିବାକୁ ପ୍ରତି ଶ୍ରେଣୀପାଇଁ ପ୍ରତି ବିଷୟରେ ଦିନ / ସପ୍ତାହ ଅନୁସାରେ ଠିକ୍ ପାଠ୍ୟସୂଚୀ ଏକକଗୁଡ଼ିକ ନିର୍ଦ୍ଧାରିତ ହୋଇଥାଏ । ଆନୁପାତିକ ଭାବେ ଅନ୍ୟ ମାସ ତୁଳନାରେ କମ୍ କାର୍ଯ୍ୟଦିବସ ଥିବା ଗୋଟିଏ ମାସରେ କମ୍ ଏକକର ଯୋଜନା କରାଯାଇଥାଏ । ତେଣୁ ଯେ କୌଣସି ଶ୍ରେଣୀପାଇଁ କୌଣସି ବିଷୟରେ ପାଠ୍ୟଖସଡା ପ୍ରସ୍ତୁତି କରିବା ସମୟରେ ଆପଣଙ୍କୁ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକ କରିବାକୁ ପଡ଼ିବ ।

- ସଂପୃକ୍ତ ପାଠ୍ୟଖସଡାକୁ ଅଧ୍ୟୟନ କରନ୍ତୁ ଓ ପୁରା ଶିକ୍ଷାବର୍ଷରେ ପଢ଼ାଯିବାକୁ ଥିବା ଏକକ ଗୁଡିକର ସୂଚୀ ପ୍ରସ୍ତୁତ କରନ୍ତୁ ।
- ପ୍ରସଙ୍ଗର ଗୁରୁତ୍ୱ ଓ ଭାର ଅନୁଯାୟୀ ଏହାର ଶିକ୍ଷାଦାନ ସଂପୂର୍ଣ୍ଣ କରିବାକୁ ଆବଶ୍ୟକ ହେଉଥିବା ନିର୍ଘଣ୍ଟ ଏକକ ଓ ଉପ ଏକକ ଅନୁଯାୟୀ ସ୍ଥିର କରନ୍ତି ଯଥା – ପ୍ରତ୍ୟେକ ଏକକର ଧାରଣା ଓ ଉପଧାରଣା ଏହି କ୍ରିୟାରେ ବିଷୟର ମହାନତା, ବିଷୟ ବସ୍ତୁର ମାତ୍ରା, ପ୍ରତ୍ୟେକ ଏକକର ଅବଧାରଣା ।
- ଏହିସବୁ ଏକକର ଶିକ୍ଷାଦାନ ପାଇଁ ସମୁଦାୟ ଆବଶ୍ୟକ ହେଉଥିବା ପିରିୟଡର ସଂଖ୍ୟା ନିଶ୍ଚିତ କରନ୍ତୁ ।

ଟିପ୍ପଣୀ

- ସଂପୃକ୍ତ ମାସଗୁଡ଼ିକରେ ଉପଲବ୍ଧ ପିରିୟଡ ଓ ସେହି ଏକକଗୁଡ଼ିକର ଶିକ୍ଷାଦାନ ନିମିତ୍ତ ଆବଶ୍ୟକ ହେଉଥିବା ପିରିୟଡକୁ ବିଚାରକୁ ନେଇ ପରବର୍ତ୍ତି କ୍ରମରେ ଏକକଗୁଡ଼ିକୁ ସଜାଇ ଦିଅନ୍ତୁ ।

ଯଦି ସବୁ ଏକକର ପାଠପଢ଼ା ଯେତେବେଳେ ନିର୍ଦ୍ଧାରିତ ଏକକଗୁଡ଼ିକୁ ସଂପୂର୍ଣ୍ଣ କରିବାକୁ ଆବଶ୍ୟକ ହେଉଥିବା ପିରିୟଡ ସଂଖ୍ୟା ସମଗ୍ର ଶିକ୍ଷାବର୍ଷରେ ଉପଲବ୍ଧ ପିରିୟଡ଼ ସଂଖ୍ୟା ତୁଳନାରେ କମ ବା ବେଶୀ ହୁଏ, ଆପଣ ଏପରି ଭାବରେ ଭିନ୍ନ ଭିନ୍ନ ଏକକଗୁଡ଼ିକର ଶିକ୍ଷାଦାନ ପାଇଁ ପିରିୟଡ ବଦଳାଇପାରିବେ ଯେପରି ନିର୍ଦ୍ଧାରିତ ସମସ୍ତ ଏକକଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ଏକକ ଉପଲବ୍ଧ ପିରିୟଡ ସଂଖ୍ୟା ସହ ସମାନ ହେବ ।

**ବାର୍ଷିକ ପାଠ୍ୟଖସଡା :** ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀପାଇଁ ଏକ ବିଷୟରେ ବାର୍ଷିକ ପାଠ୍ୟଖସଡା ମାସିକ ପାଠ୍ୟଖସଡାର ସମିଶ୍ରିତ ରୂପ ବ୍ୟତୀତ ଆଉ କିଛି ନୁହେଁ । ବାର୍ଷିକ ପାଠ୍ୟଖସଡା ପ୍ରସ୍ତୁତ କରିବା ସମୟରେ ସାରା ବର୍ଷରେ ବିଷୟଗୁଡିକର ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟ ନିମିତ୍ତ କ'ଣ କରିବାକୁ ପଡ଼ିବ ଜଣେ ଶିକ୍ଷକ ତାହାର ଏକ ସଂପୂର୍ଣ୍ଣ ଦୃଶ୍ୟ ବିଚାରକୁ ନେଇଥାନ୍ତି । ଏହି ପ୍ରକାର ପାଠ୍ୟଖସଡା ବିକାଶ ନିମିତ୍ତ ଆପଣ ନିମ୍ନରେ ଦିଆଯାଇଥିବା ବିଷୟ ପ୍ରତି ଯତ୍ନବାନ ହୁଅନ୍ତୁ ।

- ବିଷୟଗୁଡ଼ିକର ଶିକ୍ଷାଦାନ-ଶିକ୍ଷଣ ପାଇଁ ସାରା ବର୍ଷରେ ମିଳୁଥିବା ପିରିୟଡ ସଂଖ୍ୟା ।
- ପୁରା ଶିକ୍ଷାବର୍ଷରେ ନିର୍ଦ୍ଧାରିତ ସମୟ ଅବଧି ଭିତରେ ଶିକ୍ଷାଦାନ ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟଗୁଡ଼ିକ ପୁରା କରିବା ପାଇଁ ଆବଶ୍ୟକ ପିରିୟଡ ସଂଖ୍ୟା ।
- ଧାରଣା ଓ ଉପଧାରଣାର ସଂଖ୍ୟା ଆଧାରରେ ପାଠ୍ୟ ସୂଚୀରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକର ପ୍ରକୃତି ଓ ପରିସର, ଭିନ୍ନ ଭିନ୍ନ ପ୍ରସଙ୍ଗରେ ସଂପୂର୍ଣ୍ଣ ହେଉଥିବା ପାଠ ବିଷୟର ପରିମାଣ ଶିକ୍ଷାର୍ଥୀମାନଙ୍କୁ ଯୋଗାଇ ଦିଆଯାଉଥିବା ଶିକ୍ଷଣ ଅଭିଜ୍ଞତାର ପ୍ରକାର ହାସଲ କରିବାକୁ ଥିବା ଶିକ୍ଷାଦାନ-ଶିକ୍ଷଣ ଉଦ୍ଦେଶ୍ୟମାନ ।





- ପାଠ୍ୟସୂଚୀର ନିର୍ଦ୍ଧାରିତ ବିଷୟଗୁଡ଼ିକ ପରିଚାଳନା ପାଇଁ ଉପାୟ ଓ ଉପକରଣମାନ

**୮.୩.୨ ପାଠ୍ୟ ଖସଡାର ପ୍ରସ୍ତୁତି :**

ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀପାଇଁ ଏକ ବିଷୟରେ ପାଠ୍ୟଖସଡା (ଉଭୟ ମାସିକ ଓ ବାର୍ଷିକ) ପ୍ରସ୍ତୁତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାଗୁଡ଼ିକ ପ୍ରତି ଆପଣ ସଚେତନ ହେବା ଆବଶ୍ୟକ । ଗୋଟିଏ ଶିକ୍ଷାବର୍ଷ ପାଇଁ ବା ମାସକ ପାଇଁ ପାଠ୍ୟଖସଡା ପ୍ରସ୍ତୁତ କରିବା ସମୟରେ ନିର୍ଦ୍ଦିଷ୍ଟ ଶ୍ରେଣୀପାଇଁ ସଂପୃକ୍ତ ବିଷୟର ପାଠ୍ୟସୂଚୀ ବ୍ୟତୀତ ନିମ୍ନ ଦିଗଗୁଡ଼ିକୁ ଲିପିବଦ୍ଧ କରାଯାଇପାରେ ।

- ସଂପୃକ୍ତ ବିଷୟର ଶିକ୍ଷାଦାନ-ଶିକ୍ଷଣ ନିମିତ୍ତ ଗୋଟିଏ ଶିକ୍ଷାବର୍ଷ / ବର୍ଷ, ସପ୍ତାହ ଓ ମାସ ଅନୁଯାୟୀ ଉପଲବ୍ଧ ପ୍ରକୃତ କାର୍ଯ୍ୟଦିବସର ସଂଖ୍ୟା ।
- ନିର୍ଦ୍ଧାରିତ ପାଠ୍ୟ ପ୍ରସଙ୍ଗର ଶିକ୍ଷାଦାନ ଓ ବିଷୟବସ୍ତୁର ଶିକ୍ଷଣ ସହାୟତା ପାଇଁ ଆବଶ୍ୟକ ମୋଟ ପିରିୟଡର ସଂଖ୍ୟା ।
- ପୁରା ଶିକ୍ଷାବର୍ଷ ପାଇଁ ପାଠ୍ୟସୂଚୀରେ ପ୍ରଦତ୍ତ ସମୁଦାୟ ଏକକର ସଂଖ୍ୟା
- ଶିକ୍ଷାବର୍ଷରେ ସଂପୂର୍ଣ୍ଣ କରିଥିବା ଥିବା ସମ୍ଭାବ୍ୟ ଉପ ଏକକର ସଂଖ୍ୟା
- ଏକକ ହିସାବରେ ଧାରଣାର ଭାର (ଏକକ ଭିତର ଧାରଣାଗୁଡ଼ିକର ସଂଖ୍ୟା) ଯାହା ଏକକ ଗୁଡ଼ିକର ପାଠ୍ୟ ବିଷୟର ସଫଳ ଓ ଫଳପ୍ରଦ ଶିକ୍ଷାଦାନ ପାଇଁ ଆବଶ୍ୟକ ହେଉଥିବା ଏକକ ଅନୁଯାୟୀ ପିରିୟଡ ସଂଖ୍ୟାକୁ ନିର୍ଦ୍ଧାରଣ କରେ ।
- ପରୀକ୍ଷା, ଅବକାଶ, କ୍ଷେତ୍ର ଭ୍ରମଣ ଆଦି ଦିବସଗୁଡ଼ିକୁ ଗୋଟିଏ ମାସରେ ଛାଡ଼ି ଥିବା କାର୍ଯ୍ୟଦିବସଗୁଡ଼ିକ ବିଷୟର ଶିକ୍ଷାଦାନ ନିମିତ୍ତ ପ୍ରକୃତରେ ବିନିଯୋଗ ହେବା ।
- ବିଦ୍ୟାଳୟ ସମୟ ସାରଣୀରେ (ସାପ୍ତାହିକ) ଶିକ୍ଷାଦାନ-ଶିକ୍ଷଣ ପାଇଁ ପୃଥକ ଭାବେ ଆବଣ୍ଟିତ ହୋଇଥିବା ପିରିୟଡ ସଂଖ୍ୟା ।
- ପାଠ୍ୟ ପ୍ରସଙ୍ଗରେ ଥିବା ଗୁଣବତ୍ତା ଓ ପରିମାଣ ଏବଂ ଏହାର ଶିକ୍ଷାଦାନ ପାଇଁ ଉପଲବ୍ଧ ପିରିୟଡକୁ ଦୃଷ୍ଟିରେ ରଖି ମାସ ଅନୁଯାୟୀ ପଢ଼ାଯିବାକୁ ଥିବା ଏକକର ସଂଖ୍ୟା ଚିହ୍ନଟ ହୋଇଥାଏ ।

ଟିପ୍ପଣୀ

- ନିମ୍ନରେ ଦର୍ଶାଯାଇଥିବା ଉପରୋକ୍ତ ମୁଖ୍ୟ ମାନଦଣ୍ଡଗୁଡ଼ିକର ଆଧାରରେ ପାଠର ମାସିକ ରୂପରେଖ ନିମ୍ନଲିଖିତ ଫର୍ଦ୍ଦ ଆଧାରରେ ମାସିକ ପାଠ୍ୟଖସଡା ପ୍ରସ୍ତୁତ କରାଯାଇପାରିବ ।

ବିଷୟ :

ଶ୍ରେଣୀ

ପାଠ୍ୟପୁସ୍ତକର ନାମ :

| ମାସ | ସମ୍ପୂର୍ଣ୍ଣ କରିବାକୁ ଦେବା ଏକକ/ ଏକକଗୁଡିକ | ତାରିଖ/ ଦିବସ | ଆବଶ୍ୟକ ହେଉଥିବା ପିରିୟଡ ସଂଖ୍ୟା | ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣ | ଯଦି ଅସମ୍ପୂର୍ଣ୍ଣ ତାର କାରଣ |
|---|---|---|---|---|---|
| | | | | | |

ମାସିକ ପାଠ୍ୟଖସଡା ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଗୋଟିଏ ବିଷୟରେ ଶିକ୍ଷାଦାନ ଶିକ୍ଷଣର ପ୍ରଗତି ନିଶ୍ଚିତ କରିବାରେ ଶିକ୍ଷକକୁ ସାହାଯ୍ୟ କରେ ଓ ଉପଯୁକ୍ତ ପ୍ରତିପୁଷ୍ଟି ଏବଂ ପ୍ରତିକାରାତ୍ମକ ଉପାୟର ପରିକଳ୍ପନା ନିମିତ୍ତ ଶିକ୍ଷାର୍ଥୀମାନଙ୍କର ଅସୁବିଧାଗୁଡ଼ିକୁ ନିର୍ଣ୍ଣୟ କରେ । ଆମ ଦେଶରେ ବିଦ୍ୟାଳୟ ସ୍ତରରେ ବିଷୟ, ଶ୍ରେଣୀ ଓ ମାସ ଅନୁଯାୟୀ ପାଠ୍ୟଖସଡା ପ୍ରସ୍ତୁତ କରିବା ପ୍ରଥା ସାଧାରଣ ଅନୁସରଣ କରାଯାଇଥାଏ ।

ଅଭ୍ୟାସ-୩ ନିମ୍ନୋକ୍ତ କେଉଁଟି ପାଠ୍ୟଖସଡା ପ୍ରସ୍ତୁତି କରିବାରେ ଆବଶ୍ୟକ ହୁଏ ନାହିଁ ?

(କ) ଏକ ଶିକ୍ଷାବର୍ଷରେ ବିଦ୍ୟାଳୟର କାର୍ଯ୍ୟଦିବସ ସଂଖ୍ୟା ।

(ଖ) ବାର୍ଷିକ ପରୀକ୍ଷା ପରିଚାଳନା ସଞ୍ଚାଳନ ପାଇଁ ବ୍ୟୟ କରାଯାଇଥିବା ଦିନଗୁଡ଼ିକର ସଂଖ୍ୟା ।

(ଗ) ବିଦ୍ୟାଳୟ ଅବକାଶ ଦିନଗୁଡ଼ିକର ସଂଖ୍ୟା

(ଘ) ଏକ ନିର୍ଦ୍ଦିଷ୍ଟ ବିଷୟ ଶିକ୍ଷାଦାନ ପାଇଁ ଉପଲବ୍ଧ ପିରିୟଡ ସଂଖ୍ୟା

## ୮.୪ ଏକକ ଯୋଜନା

ବିଦ୍ୟାଳୟ ସ୍ତରରେ ଭିନ୍ନ ଭିନ୍ନ ଶ୍ରେଣୀ ପାଇଁ ବିଭିନ୍ନ ବିଷୟଗୁଡ଼ିକରେ ପାଠ୍ୟଖସଡାର

ରୂପରେଖ ପାଠ୍ୟପ୍ରସଙ୍ଗର ପରିମାଣ ଓ ଗୁଣବତ୍ତା ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ ଯାହା ଯେ କୌଣସି ପାଇଁ ଗୋଟିଏ ବିଷୟର ଏକକର ଅନ୍ତର୍ଗତ । ତେଣୁ ଏକକ କ'ଣ ? ଓ ଏକକ ଯୋଜନା କ'ଣ ସୂଚିତ କରେ ଏହା ବିଷୟରେ ଆପଣଙ୍କର ସଂପୂର୍ଣ୍ଣ ବୋଧଗମ୍ୟତା ରହିବା ଆବଶ୍ୟକ ।

ଆପଣ ପ୍ରତିଶ୍ରେଣୀ ପାଇଁ ପ୍ରତି ବିଷୟରେ ପାଠ୍ୟସୂଚୀ ତଥା ପାଠ୍ୟପୁସ୍ତକରେ ନିଶ୍ଚୟ ଦେଖିଥିବେ ଯେ ପ୍ରସଙ୍ଗକୁ ପାଠ୍ୟ ବିଷୟବସ୍ତୁ ସହ ସମନ୍ୱିତ ଓ ସଂଗଠିତ ହୋଇଥାଏ ଓ ପ୍ରତ୍ୟେକ ପ୍ରସଙ୍ଗର ଅନେକ ଉପପ୍ରସଙ୍ଗ ଥାଏ । ଉଦାହରଣ ସ୍ୱରୂପ ଯଦି ବିଷୟ "ପଦାର୍ଥ" ହୋଇଥାଏ, ଉପପ୍ରସଙ୍ଗଗୁଡ଼ିକ କଠିନ, ତରଳ ଓ ଗ୍ୟାସୀୟ ହୋଇପାରିବ । ଉପପ୍ରସଙ୍ଗଗୁଡିକ ଏକକ ରୂପେ ବିଚାର କରାଯାଇପାରିବ ଓ ଉପ ପ୍ରସଙ୍ଗର ନିର୍ଦ୍ଧାରିତ ବିଷୟବସ୍ତୁ ପ୍ରତି ଏକକରେ ପରିଚାଳନା କରାଯାଏ । ବିଷୟବସ୍ତୁ ଏକକ ବିଷୟବସ୍ତୁ ଉପାଦାନର ଏକ ପରିଚାଳନୀୟ ବଡ ଅଂଶକୁ ପ୍ରତିନିଧିତ୍ୱ କରେ ।

ପ୍ରତ୍ୟେକ ଏକକ ଏକତ୍ରଭାବେ ଏକ ଅର୍ଥପୂର୍ଣ୍ଣ ଓ ଉଦ୍ଦେଶ୍ୟପୂର୍ଣ୍ଣ ବିଷୟବସ୍ତୁ ଉପାଦନ ଓ ଅଭିଜ୍ଞତାଗୁଡ଼ିକର ସଂଯୁକ୍ତ ଓ ସମନ୍ୱିତ ପୂର୍ଣ୍ଣତା ଗଠନ କରନ୍ତି । ବିଷୟବସ୍ତୁ ଓ ଶିକ୍ଷଣ ଅଭିଜ୍ଞତାଗୁଡ଼ିକୁ ଅର୍ଥପୂର୍ଣ୍ଣ ଏକକରେ ସଂଗଠିତ କରିବା ଉଭୟ ଶୈକ୍ଷିକ ଓ ମନସ୍ତାତ୍ତ୍ୱିକ ଦିଗରୁ ଶିକ୍ଷାର୍ଥୀମାନଙ୍କ ପାଇଁ ସଂପୂର୍ଣ୍ଣ ସୁବିଧାଜନକ ।

- ଗୋଟିଏ ଏକକର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଗୋଟିଏ ଏକକର ବିଷୟବସ୍ତୁକୁ କୈନ୍ଦ୍ରିକ ବା ସାଧାରଣ ନୀତି, ପ୍ରକ୍ରିୟା, ସମସ୍ୟା ବା ଉଦ୍ଦେଶ୍ୟକୁ ନେଇ ସର୍ବଦା ସଂଗଠିତ ହୋଇଥାଏ ।
- ଗୋଟିଏ ଏକକ ଉତ୍ତମରୂପେ ସମନ୍ୱିତ ଅର୍ଥପୂର୍ଣ୍ଣ ବିଷୟବସ୍ତୁର ସମଷ୍ଟି ଯାହା ଶିକ୍ଷାଦାନ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ଉପାଦେୟ ଶିକ୍ଷଣ ଅଭିଜ୍ଞତାମାନ ପ୍ରଦାନ କରିଥାଏ ।
- ଏହା ଏକ ପାଠ୍ୟସୂଚୀର ବିଷୟବସ୍ତୁର ପୂର୍ଣ୍ଣ ଓ ଉପଭାଗଗୁଡ଼ିକୁ ପ୍ରତିନିଧିତ୍ୱ କରିଥାଏ । ଏହା ସମୃଦ୍ଧ ଶୈକ୍ଷିକ ଅଭିଜ୍ଞତାଗୁଡ଼ିକୁ ପ୍ରଦାନ କରିବାରେ ଉପଯୋଗୀ ଓ ଅର୍ଥପୂର୍ଣ୍ଣ ଅଟେ ।

ଟିପ୍ପଣୀ

**ଏକକ ଯୋଜନା ପ୍ରସ୍ତୁତି କରିବା :**

ବିଷୟବସ୍ତୁ ଓ ଶିକ୍ଷଣ ଅଭିଜ୍ଞତାର ଶିକ୍ଷାଦାନ ଶିକ୍ଷଣ ପାଇଁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବା ଗୋଟିଏ ବିଷୟରେ ଏକକ ଯୋଜନାକୁ ସୂଚିତ କରେ ଯାହା ସେହି ବିଷୟର ଶିକ୍ଷଣ ଅଭିଜ୍ଞତା ଅନୁସାରେ ଗୋଟିଏ ଏକକରେ ଥାଏ । ଏକ ଏକକ ଯୋଜନା ପ୍ରସ୍ତୁତି କରିବାପାଇଁ, ଆପଣଙ୍କୁ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ଆପଣେଇବାକୁ ପଡ଼ିବ ।

- ପାଠ୍ୟସୂଚୀରେ ନିର୍ଦ୍ଧାରିତ ହୋଇନଥିଲେ ଉପଯୁକ୍ତ ଏକକ ଓ ଉପ-ଏକକର ଉପସରଂଚନା ।
- ଏକକ ସମ୍ବନ୍ଧିତ ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକ ଗଠନ ।
- ବ୍ୟବହାର କରିବାକୁ ପଦ୍ଧତି ଓ କୌଶଳ (ଶିକ୍ଷାଦାନ ଶିକ୍ଷଣ କୌଶଳ) ଗୁଡ଼ିକ ନିର୍ବାଚନ ।
- ମୂଲ୍ୟାୟନ ପଦ୍ଧତିର ଦୃଢ଼ୀକରଣ

**ଏକକ ସଂରଚନା**

ଏକକ ଯୋଜନାର ପ୍ରାରମ୍ଭ ପୁରା ଶିକ୍ଷା ବର୍ଷରେ ପଢ଼ାଯିବାକୁ ଥିବା ବିଭିନ୍ନ ବିଷୟଗୁଡ଼ିକରେ ପ୍ରସଙ୍ଗ ଗୁଡ଼ିକୁ (ପାଠସୂଚୀ) ସାମଗ୍ରୀକୁ ଉପଯୁକ୍ତ ଏକକରେ ବିଭାଜିତ କରିବାରେ ହୋଇଥାଏ । ଏହା କରିବା ପାଇଁ ଆପଣଙ୍କୁ ବିଷୟର ପ୍ରସଙ୍ଗକୁ ସଂପୂର୍ଣ୍ଣ ଭାବେ ଅଧ୍ୟୟନ କରିବାକୁ ପଡ଼ିବ । ଏଥିସହିତ ପ୍ରୟୋଗ ଓ ସମାନ ସମ୍ପର୍କ ବା ଗୁରୁତ୍ୱ ଦୃଷ୍ଟିରୁ ପରସ୍ପର ସଂପର୍କଥିବା ପ୍ରସଙ୍ଗଗୁଡ଼ିକୁ ଗୋଟିଏ ଏକକରେ ଯୋଡନ୍ତୁ । ଉଦାହରଣ ସ୍ୱରୂପ ଭାରତର 'ଜଙ୍ଗଲ ସମ୍ପଦ', 'ଖଣିଜ ସମ୍ପଦ', 'ଜଳସମ୍ପଦ' ଇତ୍ୟାଦି ସାମାଜିକ ବିଜ୍ଞାନ ବିଷୟର ପ୍ରସଙ୍ଗଗୁଡ଼ିକୁ 'ଭାରତର ପ୍ରାକୃତିକ ସମ୍ପଦ' ନାମରେ ଗୋଟିଏ ଏକକରେ ଯୋଡାଯାଇପାରେ । କାରଣ ଏଗୁଡିକ ପରସ୍ପର ସହିତ ସଂପର୍କିତ ଓ ସେମାନେ ଏକ ସମାନ ଦିଗ ଉପରେ ଗୁରୁତ୍ୱ ଆରୋପ କରନ୍ତି । ସେହିପରି ଯୋଗାଯୋଗର ଅର୍ଥ ଓ ଆବଶ୍ୟକତା, ପ୍ରାଚୀନ, ମଧ୍ୟ, ଆଧୁନିକ ଯୁଗରେ ଯୋଗାଯୋଗର ଉପାୟ, ଆମ ଜୀବନ ଉପରେ ଯୋଗାଯୋଗର ଆଧୁନିକ ଉପାୟଗୁଡ଼ିକର ପ୍ରଭାବ ତଥା ଭବିଷ୍ୟତରେ ଯୋଗାଯୋଗର ଉପାୟ ଭଳି ପ୍ରସଙ୍ଗଗୁଡ଼ିକୁ "ଯୋଗାଯୋଗର ଉପାୟ" ନାମକ ଗୋଟିଏ ପ୍ରସଙ୍ଗରେ ଯୋଡାଯାଇପାରେ । ଏହି ଉପାୟରେ ଆପଣ ପଢାଉଥିବା ବିଭିନ୍ନ ଶ୍ରେଣୀରେ

ବିଷୟଗୁଡ଼ିକର ଅର୍ଥପୂର୍ଣ୍ଣ ଏକକ ଗଠନ କରିପାରିବେ ।

ବିଷୟର ଏକକଗୁଡ଼ିକୁ ସଂଗଠିତ କରିବା ପରେ ଆପଣ ଗୋଟିଏ ଏକକକୁ ଏକାଥରକେ ନେବାପାଇଁ ସେଗୁଡ଼ିକୁ କ୍ରମାନ୍ୱୟରେ ସଜାଇ ରଖିବା ଦରକାର । ପ୍ରତ୍ୟେକ ଏକକକୁ ଅର୍ଥପୂର୍ଣ୍ଣ ଛୋଟ ଏକକ ଗୁଡ଼ିକରେ ଆପଣ ଭାଗ କରିପାରିବେ । ଯେତେଦୂର ସମ୍ଭବ ପ୍ରତ୍ୟେକ ଉପ ଏକକ ୩୫-୪୦ ମିନିଟ୍ ସମୟ ଅବଧି ଭିତରେ ଗୋଟିଏ ପିରିୟଡରେ ପଢ଼ାଯାଇପାରୁଥିବା ବିଷୟବସ୍ତୁ ବା ଶିକ୍ଷଣ ଅଭିଜ୍ଞତା ଆଧାରିତ ହେବା ଦରକାର । ଶିକ୍ଷାର୍ଥୀମାନଙ୍କ ସହଜ ବୋଧଗମ୍ୟତା ଓ ଏକକ ତଥା ଉପ ଏକକ ମଧ୍ୟରେ ସଂପର୍କ ସ୍ଥାପନକୁ ମନରେ ରଖି ବିଷୟବସ୍ତୁଗୁଡ଼ିକୁ କ୍ରମାନ୍ୱୟରେ ଓ ବ୍ୟବସ୍ଥିତ ଢଙ୍ଗରେ ସଜାଇ ରଖିବା ଦରକାର ।

**ଶିକ୍ଷଣକାର୍ଯ୍ୟ – ୩**

ଆପଣ ପଢାଉଥିବା ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ଯେ କୌଣସି ବିଷୟରେ ଏକକ ଓ ଉପ ଏକକଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ ।

..........................................................................................

..........................................................................................

..........................................................................................

**ଶିକ୍ଷଣ ଫଳାଫଳ ନିର୍ଦ୍ଧାରଣ :**

ପ୍ରତ୍ୟେକ ଏକକ ଓ ଉପ ଏକକଗୁଡ଼ିକର ଶିକ୍ଷାଦାନ ଓ ଶିକ୍ଷଣ ସଂପର୍କିତ ସମ୍ଭାବ୍ୟ ଶୈକ୍ଷିକ ଫଳାଫଳଗୁଡ଼ିକ ସ୍ୱଷ୍ଟଭାବେ ସୂଚୀତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଶିକ୍ଷାର୍ଥୀମାନଙ୍କ ବ୍ୟବହାରୀକ ସୂଚକରେ ପ୍ରଦର୍ଶିତ ହେବା ଦରକାର ଯେପରି ଏକକଗୁଡ଼ିକର ଶିକ୍ଷାଦାନ ଶିକ୍ଷଣ ସମାପ୍ତି ପରେ ଶିକ୍ଷାର୍ଥୀମାନେ ଦୃଶ୍ୟମାନ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିପାରିବେ । ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକର ସ୍ୱଷ୍ଟତା ଶିକ୍ଷାର୍ଥୀଙ୍କୁ ଏବଂ ଶିକ୍ଷକମାନଙ୍କୁ ଏକକର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଫଳପ୍ରଦ ଭାବେ ନିୟୋଜିତ କରିଥାଏ ।

ଟିପ୍ପଣୀ

**ପଦ୍ଧତି ଓ କୌଶଳ ନିର୍ବାଚନ :**

ଏକକର ନିର୍ଦ୍ଧାରିତ ଉଦ୍ଦେଶ୍ୟକୁ ବୁଝିବାପାଇଁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଉପଯୁକ୍ତ ପଦ୍ଧତି ତଥା କୌଶଳର ନିର୍ବାଚନ ଆବଶ୍ୟକ ଅଟେ । ଏହାଛଡା ଏକକର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଚାଲୁଥିବା ସମୟରେ ଶିକ୍ଷକ ତଥା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଂଗଠିତ ହେଉଥିବା କ୍ରିୟାପ୍ରତିକ୍ରିୟାଗୁଡ଼ିକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ ।

**ଆକଳନ ପଦ୍ଧତି ନିର୍ଦ୍ଧାରଣ :**

ଏକକର ପୂର୍ବନିର୍ଦ୍ଧାରିତ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକୁ କେତେ ମାତ୍ରାରେ ପ୍ରାପ୍ତ ହୋଇଛି, କେତେକ ପରୀକ୍ଷଣ (ଏକକ ପରୀକ୍ଷଣ ଭାବେ ପରିଚିତ) ବ୍ୟବହାର କରି ତାହା ମୂଲ୍ୟାୟନ କରିବାକୁ ହେବ । ଏକକଗୁଡ଼ିକର ଶୈକ୍ଷିକ ଉଦ୍ଦେଶ୍ୟ ମୂଲ୍ୟାୟନ ନିମିତ୍ତ ଉଭୟ ନିଜନାତ୍ମକ ଓ ଗଠନମୂଳକ କୌଶଳମାନ ଅବଲମ୍ବନ କରିବାକୁ ହେବ ।

ଏଣୁ ଗୋଟିଏ ଏକକରେ ନିମ୍ନୋକ୍ତ ସୂଚନାମାନ ଥାଏ ।

- ଏକକରେ ବ୍ୟବହୃତ ମୁଖ୍ୟ / ଗୌଣ ସୂଚନା ଓ ଧାରଣା ।
- ଏକକର ଶିକ୍ଷାଦାନ ପାଇଁ ଉପ ଏକକ ଅନୁଯାୟୀ ସମୁଦାୟ ପିରିୟଡ ସଂଖ୍ୟା ।
- ଏକକର ଶିକ୍ଷାଦାନ ନିମିତ୍ତ ଉପ ଏକକ ଅନୁଯାୟୀ ପଦ୍ଧତି ଓ କୌଶଳଗୁଡ଼ିକର ଉପଯୋଗ
- ପ୍ରତ୍ୟେକ ଉପ ଏକକର ଶିକ୍ଷାଦାନ ସମୟରେ ବ୍ୟବହୃତ ଶିକ୍ଷାଦାନ-ଶିକ୍ଷଣ ଉପକରଣ ।
- ଏକକର ଶୈକ୍ଷିକ ଉଦ୍ଦେଶ୍ୟ ଗୁଡ଼ିକର ମୂଲ୍ୟାୟନ ନିମିତ୍ତ ଏକ ଉପ ଏକକ ଅନୁସାରେ ମୂଲ୍ୟାୟନ କୌଶଳ

ଉପରୋକ୍ତ ସମସ୍ତ ସୂଚନାକୁ ସାମିଲ କରି ଏକକ ଯୋଜନା ନିମ୍ନ ଫର୍ଦ୍ଦରେ ପ୍ରସ୍ତୁତ କରାଯାଇପାରେ ।

ବିଷୟ :

ଶ୍ରେଣୀ :

ଏକକର ନାମ :

ଶୈକ୍ଷିକ ଉଦ୍ଦେଶ୍ୟ :

| ମାସ | ସମ୍ପୂର୍ଣ୍ଣ କରିବାକୁ ଦେବା ଏକକ/ ଏକକଗୁଡ଼ିକ | ତାରିଖ/ ଦିବସ | ଆବଶ୍ୟକ ହେଉଥିବା ପିରିୟଡ ସଂଖ୍ୟା | ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣ | ଯଦି ଅସମ୍ପୂର୍ଣ୍ଣ ତାର କାରଣ |
|---|---|---|---|---|---|
| | | | | | |

ଗୋଟିଏ ଏକକରୁ ବିକଶିତ ହୋଇଥିବା ଅନେକଗୁଡ଼ିଏ ଉପଏକକର ଯୋଜନା ପ୍ରସ୍ତୁତିରେ ଏକ ଯୋଜନା ପଥ ପ୍ରଦର୍ଶନ କରେ । ସାଧାରଣତଃ ଏକ ଉପ ଏକକର ଶିକ୍ଷାଦାନ ୩୦-୪୦ ମିନିଟ ସମୟ ଅବଧିର ହୋଇଥାଏ । କେତେକ କ୍ଷେତ୍ରରେ, କାର୍ଯ୍ୟକାରୀ କରିବାକୁ ଥିବା ଶୈକ୍ଷିକ କାର୍ଯ୍ୟଗୁଡ଼ିକର ପ୍ରକୃତି ଆଧାରରେ ଗୋଟିଏ ଉପ ଏକକର ଶିକ୍ଷାଦାନ ଦୁଇ ବା ତିନି ପିରିୟଡ ଆବଶ୍ୟକ କରେ । ଏକକ ଯୋଜନା ନିମ୍ନ ପ୍ରକାରରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ସହାୟତା କରିଥାଏ ।

- ଭିନ୍ନ ଭିନ୍ନ ବିଷୟରେ ନିର୍ଦ୍ଧାରିତ ପାଠ୍ୟସୂଚୀକୁ ଠିକ୍ ସମୟରେ ସାରିବା ।
- ଉପଯୁକ୍ତ ସାମଗ୍ରୀ ଓ ପଦ୍ଧତିଗୁଡ଼ିକର ବ୍ୟବହାର ନିମିତ୍ତ ପରିବେଶ ପ୍ରସ୍ତୁତି କରିବା ।
- ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସମ୍ବନ୍ଧିତ କଠିନତାର ଓ ପ୍ରତିକାରାତ୍ମକ ଉପାୟ ବାହାର କରିବା ନିମିତ୍ତ ଏକକ ପରୀକ୍ଷଣ ପ୍ରସ୍ତୁତି ।
- ପରବର୍ତ୍ତୀ ଏକକକୁ ଯିବାପୂର୍ବରୁ ଉଦ୍ଦିଷ୍ଟ ଏକକରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପାରଙ୍ଗମତା ହାସଲ କରିବା ।
- ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ କରିବାକୁ ଥିବା ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟଗୁଡ଼ିକ ବିଷୟରେ ସଚେତନ କରାଇବା ।



ଟିପ୍ପଣୀ

**ଶିକ୍ଷଣକାର୍ଯ୍ୟ - ୪**

ଆପଣ ପଢାଉଥିବା ଯେ କୌଣସି ଶ୍ରେଣୀର ଗୋଟିଏ ବିଷୟରେ କୌଣସି ଏକ ଏକକର ଯୋଜନା ପ୍ରସ୍ତୁତ କରନ୍ତୁ ।

## ୮.୫ ପାଠ ଯୋଜନା

କୌଣସି ବିଷୟରେ ଶିକ୍ଷାଦାନ ଫଳପ୍ରଦ ହୋଇଥାଏ ଯେତେବେଳେ ଶିକ୍ଷାର୍ଥୀମାନେ ଏହାକୁ ଅର୍ଥପୂର୍ଣ୍ଣ ଭାବେ ଶିଖିଥାନ୍ତି । ଆପଣଙ୍କ ଶିକ୍ଷାଦାନକୁ ଫଳପ୍ରଦ କରିବା ପାଇଁ ଆପଣ ପ୍ରତ୍ୟେକ ପାଠର ପ୍ରସ୍ତୁତି ଓ ଯୋଜନା ଯତ୍ନର ସହ କରିବା ଆବଶ୍ୟକ । ସାଧାରଣତଃ ଶ୍ରେଣୀରେ ଗୋଟିଏ ପାଠର ଶିକ୍ଷାଦାନ ୩୦-୪୦ ମିନିଟ୍ ସମୟ ଅବଧି ପର୍ଯ୍ୟନ୍ତ ହୋଇଥାଏ । ପାଠ ଯୋଜନାକୁ ଦୈନିକ ଯୋଜନା ବି କୁହାଯାଇପାରେ । କାରଣ ଶିକ୍ଷକ ପାଠର ଯୋଜନା ଦିନ / ପ୍ରତିଦିନ ଆଧାରରେ କରିଥାନ୍ତି । ଏକକ ପାଠ ଯୋଜନାର ତିନିଗୋଟି ସ୍ତର ରହିବା ଉଚିତ ଯଥା ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ, ଶିକ୍ଷାଦାନ ଶିକ୍ଷଣ ଚାଲୁଥିବା ସମୟର କାର୍ଯ୍ୟ ଓ ଶିକ୍ଷାଦାନ ଶିକ୍ଷଣକୁ ଅଧିକ ଫଳପ୍ରଦ କରିବା ପାଇଁ ଆପଣ ଆବଶ୍ୟକ କରୁଥିବା ପଦ୍ଧତି ଓ କୌଶଳ ଏବଂ ସହାୟକ ଉପକରଣ ଆଦିକୁ ବିସ୍ତୃତ ରୂପେ ସ୍ଥିର କରିବାକୁ ପଡିବ । ସାଧାରଣତଃ ପାଠର ଶିକ୍ଷାଦାନ ଶିକ୍ଷଣ ସଂପର୍କିତ ଲିଖିତ ରୂପରେ ଏହି ବିସ୍ତୃତ ପରିପ୍ରକାଶକୁ "ପାଠ ଯୋଜନ" କୁହାଯାଏ ।

ଜଣେ ପେଶାଦାର ଶିକ୍ଷକଭାବେ, ଉପକ୍ରମ, ଉପସ୍ଥାପନ ଓ ମୂଲ୍ୟାୟନ ଆଦି ଭଳି ତିନିଗୋଟି ସ୍ତର ଥାଇ ପାଂରପରିକ ପାଠଯୋଜନା ପ୍ରସ୍ତୁତ କରିବା ସଂପର୍କରେ ଆପଣଙ୍କର ନିଶ୍ଚୟ କେତେକ ଜ୍ଞାନ ଥିବ । ଏହି ପାଠଯୋଜନା ଗୁଡ଼ିକରେ ଶିକ୍ଷକ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ନିଜେ କରିବାକୁ ଥିବା କାର୍ଯ୍ୟଗୁଡ଼ିକର ସୁସ୍ପଷ୍ଟ ପ୍ରତିଫଳନ ଘଟିଥିବାବେଳେ, ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟର ଅତିକମ୍ ସୂଚନା ବା ଆଦୌ ସୂଚନା ନଥାଏ । ପାରମ୍ପରିକ ପାଠ ଯୋଜନାରେ ଶିକ୍ଷଣଠାରୁ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ତେଣୁକରି

ପାରମ୍ପରିକ ପାଠ ଯୋଜନା ଶିକ୍ଷଣ କେନ୍ଦ୍ରିତ ନ ହୋଇ ଶିକ୍ଷକ ନିୟନ୍ତ୍ରିତ ଓ ଅତ୍ୟଧିକ ଶିକ୍ଷକ କୈନ୍ଦ୍ରିକ ବୋଲି ବୁଝାଯାଏ । ଶ୍ରେଣୀଗୃହ ଶିକ୍ଷାଦାନ ଶିକ୍ଷଣ ଦୃଶ୍ୟପଟର ଆଜିର ସ୍ଥିତିରେ ପାରଂପରିକ ପାଠଯୋଜନାର କମ୍ ପ୍ରାସଙ୍ଗିକତା ରହିଛି । କାରଣ -

- ଶିଶୁକୈନ୍ଦ୍ରିକ, ଶିକ୍ଷଣକାର୍ଯ୍ୟଭିତ୍ତିକ ଓ ଆନନ୍ଦଦାୟୀ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଶିକ୍ଷାଦାନ ପରିବର୍ତ୍ତେ ଶିକ୍ଷଣ ଉପରେ ଗୁରୁତ୍ୱ ।
- ପ୍ରାଥମିକ ସ୍ତରରେ ଶିକ୍ଷଣକାର୍ଯ୍ୟଭିତ୍ତିକ ସମନ୍ୱିତ ପାଠ୍ୟପୁସ୍ତକ ପ୍ରଚଳନ । ଉଦାହରଣ ସ୍ୱରୂପ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଗଣିତ ଓ ଭାଷ୍ୟ ପାଠପୁସ୍ତକରେ ସାମାଜିକ ପାଠକୁ ସମନ୍ୱିତ କରାଯାଇଛି । ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ସାମାଜିକ ପାଠ ଅଧିନରେ ସମନ୍ୱିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ସମନ୍ୱିତ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । (ଅଧିକ ଜାଣିବାପାଇଁ ଏହି ପାଠ୍ୟକ୍ରମର ଭାଗ ୯, ୬ ଓ ଏକକ ୯ ଦେଖନ୍ତୁ ।) ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ବହୁଶ୍ରେଣୀ ପରିସ୍ଥିତି ପ୍ରଚଳିତ । ପୂର୍ବରୁ ସୂଚିତ ହୋଇଛି ଯେ ଏକ ସମୟରେ ଏକାଧିକ ଶ୍ରେଣୀପାଇଁ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟଗୁଡ଼ିକ ଜଣେ ଶିକ୍ଷକ ପରିଚାଳନା କରିଥାନ୍ତି । ଏଥିପାଇଁ ଗୋଟିଏ ସମୟରେ ଏକାଧିକ ଶ୍ରେଣୀପାଇଁ ପାଠ ଯୋଜନା ପ୍ରସ୍ତୁତ କରିବା ସଂପୂର୍ଣ୍ଣ ଭିନ୍ନ ଅଟେ । (ପାଠ୍ୟକ୍ରମର ଏକକ ୯ ଦ୍ରଷ୍ଟବ୍ୟ) ଏହି ପରିପ୍ରେକ୍ଷୀରେ ସମନ୍ୱିତ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଣୁ ଏହି ବିଷୟରେ ମଧ୍ୟ ଆମର ଜାଣିବା ଦରକାର ।

୧. ବହୁତ ପ୍ରାଥମିକ ସ୍କୁଲରେ (ବହୁଶ୍ରେଣୀ ମାଧ୍ୟମରେ) ଶିକ୍ଷାଦାନ ପ୍ରଚଳିତ ଅଛି ।

ଯାହା ପୂର୍ବରୁ ବର୍ଣ୍ଣିତ ଅଛି, ଗୋଟିଏ ସମୟରେ, ଏକରୁ ଅଧିକ କକ୍ଷରେ, ଜଣେ ଶିକ୍ଷକର ଆବଶ୍ୟକ ଥାଏ । ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ଚାଲୁ ରଖିବା ପାଇଁ, ଯେଉଁଥିପାଇଁ ଗୋଟିଏ ପିରିୟଡ଼ରେ ଏକରୁ ଅଧିକ କକ୍ଷ ପାଇଁ, ପାଠ ଯୋଜନା ପ୍ରସ୍ତୁତ କରିବା ସଂପୂର୍ଣ୍ଣ ଭାବେ ଅଲଗା ଅଟେ । (ଅଧିକ ଜାଣିବା ପାଇଁ ଏହି କୋର୍ସର ଏକକ ୧୦ ଦେଖନ୍ତୁ)

- ଶିକ୍ଷା ବିଜ୍ଞାନର ଅଭିନବୀକରଣ ସହିତ, ଶିକ୍ଷାଦାନ-ଶିକ୍ଷଣ କୌଶଳଗୁଡ଼ିକରେ ଅନେକ ପରିବର୍ତ୍ତନ ଘଟିଛି ଏବଂ ଜଣେ ଶିକ୍ଷକ ପାଠ ଯୋଜନା ପ୍ରସ୍ତୁତ କରୁଥିବା ସମୟରେ ସେ ସବୁ ପରିବର୍ତ୍ତନକୁ ଧ୍ୟାନରେ ରଖିବା ଉଚିତ୍ ।

**୮.୫.୧ ପାଠଯୋଜନାର ବୈଶିଷ୍ଟ୍ୟ :**

ପାଠ ଯୋଜନା ନିମ୍ନୋକ୍ତ ସର୍ବନିମ୍ନ ଚାରିଗୋଟି ବୈଶିଷ୍ଟ୍ୟ ରହିବା ଉଚିତ ।

- ଉଦ୍ଦେଶ୍ୟ ଭିତ୍ତିକ : ଗୋଟିଏ ପାଠଯୋଜନା ଉଦ୍ଦେଶ୍ୟ ଭିତ୍ତିକ ହେବା ଆବଶ୍ୟକ । ଗୋଟିଏ ପିରିୟଡର ଉପଲବ୍ଧ ସମୟ ଭିତରେ ହାସଲ କରାଯାଇପାରୁଥିବା ଏକ ପାଠର ସୀମିତ ସଂଖ୍ୟକ ଉଦ୍ଦେଶ୍ୟଗୁଡ଼ିକ ନିର୍ଦ୍ଧାରଣ କରାଯିବା ଉଚିତ ।

- ବୋଧଗମ୍ୟ : ଏକ ପାଠଯୋଜନା ବୋଧଗମ୍ୟ, ସଂକ୍ଷିପ୍ତ ତଥା ସରଳ ହେବା ଆବଶ୍ୟକ । ଉଦ୍ଦେଶ୍ୟଗୁଡ଼ିକର ହାସଲ ପାଇଁ ଆପଣଙ୍କୁ ସବୁ ପ୍ରକାର ପ୍ରୟାସ ପାଠ ଯୋଜନାରେ ପ୍ରତିଫଳିତ ହେବା ଦରକାର । ଯେତେଦୂର ସମ୍ଭବ ଏସବୁ ସଂକ୍ଷିପ୍ତ ଓ ଯଥାଯଥ ହେବା ଉଚିତ ଯାହା ଫଳରେ ଆପଣ ଏହାକୁ ସହଜରେ ପ୍ରସ୍ତୁତ ଓ ବ୍ୟବହାର କରିପାରିବେ ।

- ନମନୀୟ : ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ସୁଯୋଗ ସହିତ ପାଠ ଯୋଜନା ନମନୀୟ ହେବା ଉଚିତ । ଏହାଦ୍ୱାରା ଶ୍ରେଣୀଗୃହ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟଗୁଡ଼ିକର ପରିଚାଳନା ସମୟରେ ତତ୍‌କ୍ଷଣାତ ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରିବ । ଉଦାହରଣ ସ୍ୱରୂପ ଆପଣ ବିଜ୍ଞାନରେ ଏକ ସାଂପ୍ରତିକ ବିକାଶ ସଂପର୍କିତ ସୂଚନା ହାସଲ କରିଛନ୍ତି ଯାହା ଆପଣଙ୍କ ପାଠ ଯୋଜନାରେ ସୂଚିତ ହୋଇନାହିଁ । ଏହାର ପ୍ରାସଙ୍ଗିକତାକୁ ଅନୁଭବ କରି ଆପଣ ପାଠଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଚାହାନ୍ତି । ତେବେ ଅଧିକରେ ଭଲଭାବେ ଶ୍ରେଣୀ ପରିଚାଳନା ନିମିତ୍ତ ଆପଣ ଏହାକୁ ତୁରନ୍ତ ପାଠଯୋଜନାରେ ଯୋଡ଼ିପାରିବେ ।

- କାର୍ଯ୍ୟକାରୀ ଯୋଗ୍ୟ : ଗୋଟିଏ ପାଠଯୋଜନା ବ୍ୟବହାରିକ ହେବା ଦରକାର ଅର୍ଥାତ

ଯୋଜନାରେ ବାସ୍ତବ ସ୍ଥିତିରେ ଏହା କାର୍ଯ୍ୟକାରୀ ହୋଇପାରିବ । ବାସ୍ତବ ସ୍ଥିତିରେ ଯୋଜନାରେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟକଳାପ ଓ କୌଶଳଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ପାଇଁ ଉପାଦେୟ ହେବା ଦରକାର ଏବଂ ଉପଲବ୍ଧ ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟକାରୀ ହୋଇପାରିବ ।

## ୮.୫.୨ ଏକ ପାଠ-ଯୋଜନାରେ କ'ଣ ଥାଏ

ଗୋଟିଏ ପାଠର ଶ୍ରେଣୀଗୃହ ଶିକ୍ଷାଦାନ ଶିକ୍ଷଣ ସମୟରେ ଜଣେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ କରିବାକୁ କାର୍ଯ୍ୟଗୁଡ଼ିକର ବର୍ଣ୍ଣନା ଏକ ପାଠ ଯୋଜନାରେ ଥାଏ । ଏଗୁଡ଼ିକୁ ତିନିଗୋଟି ପର୍ଯ୍ୟାୟରେ ଭାଗ କରାଯାଇପାରେ ।

- ଶିକ୍ଷାଦାନ-ଶିକ୍ଷଣପୂର୍ବ ପ୍ରସ୍ତୁତି କାର୍ଯ୍ୟ (ପ୍ରାକ-ସକ୍ରିୟ ପର୍ଯ୍ୟାୟ)
- ଶିକ୍ଷାଦାନ-ଶିକ୍ଷଣପ୍ରକ୍ରିୟା ଚାଲୁଥିବା ସମୟର କାର୍ଯ୍ୟ । (ପାରସ୍ପରିକ କ୍ରିୟା ପର୍ଯ୍ୟାୟ)
- ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟା ପରବର୍ତ୍ତୀ କାର୍ଯ୍ୟ (ପରବର୍ତ୍ତୀ ସକ୍ରିୟ ପର୍ଯ୍ୟାୟ)

**ପ୍ରସ୍ତୁତି କାର୍ଯ୍ୟ :**

ପାଠର ବାସ୍ତବ ଶିକ୍ଷାଦାନ-ଶିକ୍ଷଣ ପୂର୍ବରୁ ସମ୍ପାଦନା କରାଯାଉଥିବା କାର୍ଯ୍ୟଗୁଡ଼ିକୁ ପ୍ରସ୍ତୁତି କାର୍ଯ୍ୟ କୁହାଯାଏ । ଯାହା ପାଠର ଆରମ୍ଭରେ ସୂଚିତ ହୋଇଥାଏ । ସାଧାରଣତଃ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକ ଏଥିରେ ସାମିଲ ହୋଇଥାଏ ।

**ଶୈକ୍ଷିକ ଫଳାଫଳ ନିର୍ଦ୍ଧାରଣ :**

ପାଠ ଯୋଜନାର ପ୍ରାରମ୍ଭରେ ସ୍ଥିରିକୃତ ପାଠର ଶିକ୍ଷାଦାନ-ଶିକ୍ଷଣରୁ ହାସଲ କରିବାକୁ ଥିବା ଈପସିତ୍ ଉଦ୍ଦେଶ୍ୟ ଶିକ୍ଷାର୍ଥୀମାନଙ୍କ ବ୍ୟବହାର ସୂଚକରେ ସୂଚିତ ହୋଇଥାଏ ।

**ଶିକ୍ଷାଦାନ - ଶିକ୍ଷଣ କାର୍ଯ୍ୟ / କୌଶଳର ବ୍ୟବସ୍ଥା :**

ପାଠର ଶିକ୍ଷାଦାନ ଶିକ୍ଷଣରେ ବ୍ୟବହାର କରିବାକୁ ଥିବା ପଦ୍ଧତି ଓ କୌଶଳଗୁଡ଼ିକ ପାଠଯୋଜନାରେ ବ୍ୟବହାର ସୂଚିତ ହୋଇଥାଏ । ଦଳଗତ କାର୍ଯ୍ୟ, ଆଲୋଚନା, ଲିଖିତ କାର୍ଯ୍ୟ ଓ ପର୍ଯ୍ୟବେକ୍ଷଣ ଭଳି ତିନିଗୋଟି ପର୍ଯ୍ୟାୟ ପାଇଁ ବିସ୍ତୃତି କାର୍ଯ୍ୟମାନ ନିର୍ଦ୍ଧାରିତ ହୋଇଥାଏ ।

ଟିପ୍ପଣୀ

**ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ବ୍ୟବସ୍ଥା :**

ପାଠର ନିର୍ଦ୍ଧାରିତ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବାକୁ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହାର କରାଯିବାକୁ ଥିବା ଉପକରଣ ଓ କରାଯିବାକୁ ଥିବା ଶିକ୍ଷଣ କାର୍ଯ୍ୟଗୁଡ଼ିକରେ ଉପକରଣ ସ୍ପଷ୍ଟଭାବେ ପାଠଯୋଜନାରେ ସୂଚିତ ହୋଇଥାଏ । ଶିକ୍ଷଣ କାର୍ଯ୍ୟଗୁଡ଼ିକର କ୍ରମସଂଖ୍ୟା ଓ ଶୀରୋନାମା ପାଠଯୋଜନାରେ ସ୍ପଷ୍ଟଭାବେ ସୂଚିତ କରାଯାଇପାରେ, ଯଦି ଏହି ସବୁ ଶିକ୍ଷଣକାର୍ଯ୍ୟ ବ୍ୟାଙ୍କରୁ ଅଣାଯାଇଥାଏ ବା ସଂଗୃହିତ ହୋଇଥାଏ ।

**ଶିକ୍ଷାଦାନ-ଶିକ୍ଷଣ ପାଇଁ ବିଶେଷ ବ୍ୟବସ୍ଥା :**

ସାଧାରଣ ବ୍ୟବସ୍ଥାକୁ ଛାଡ଼ି ଯଦି ଶ୍ରେଣୀରେ କୌଣସି ବିଶେଷ ବ୍ୟବସ୍ଥାର ଆବଶ୍ୟକ ହୁଏ ତାହା ପାଠଯୋଜନାରେ ସୂଚିତ କରାଯିବା ଆବଶ୍ୟକ । ଯୁଗ୍ମଭାବେ ଦୁଇଜଣ ଶିକ୍ଷକଙ୍କ ଦ୍ୱାରା ଶ୍ରେଣୀ ପରିଚାଳନା, ମନିଟର ବ୍ୟବସ୍ଥା (ବହୁଶ୍ରେଣୀ ପରିସ୍ଥିତି), ଶିକ୍ଷାଦାନରେ ଗୋଷ୍ଠୀ ସହାୟତାର ବ୍ୟବସ୍ଥା, ଭିଡିଓ ବ୍ୟବହାର ଆଦି ବ୍ୟବସ୍ଥା ମାନ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରେ ।

**କାର୍ଯ୍ୟର କ୍ରମ ଓ ସମୟ ନିର୍ଦ୍ଧାରଣ :**

ପାଠ ପାଇଁ ନିର୍ବାଚିତ ହୋଇଥିବା ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଯିବା ଦରକାର ଯାହା ଶ୍ରେଣୀରେ କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିବ । ପୁନଶ୍ଚ ଏହିକାର୍ଯ୍ୟଗୁଡ଼ିକ କରିବା ପାଇଁ ଆବଶ୍ୟକ ହେଉଥିବା ସମୟ ସୁନିଶ୍ଚିତ କରାଯିବା ଆବଶ୍ୟକ । ଯାହାଫଳରେ ପାଠର ପ୍ରତ୍ୟେକ ପର୍ଯ୍ୟାୟରେ ଓ ସମଗ୍ର ପିରିୟଡ୍‌ରେ କରାଯିବାକୁ ଥିବା ଅନେକଗୁଡ଼ିଏ କାର୍ଯ୍ୟର ଜଣେ ପରିକଳ୍ପନା କରିପାରିବ ।

**ଶିକ୍ଷାଦାନ-ଶିକ୍ଷଣ ସମୟର କାର୍ଯ୍ୟ :**

ପାଠଯୋଜନାର ଏହି ଭାଗ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ବାସ୍ତବ ଶିକ୍ଷାଦାନ-ଶିକ୍ଷଣ ପର୍ଯ୍ୟାୟ ସହ ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକୁ ଏଠାରେ ସୂଚିତ ହୋଇଥାଏ । ଉପକ୍ରମ, ଉପସ୍ଥାପନ ଓ ମୂଲ୍ୟାୟନ ଭଳି ତିନୋଟି ସୋପାନରେ ଏହା ବିଭକ୍ତ ହୋଇଥାଏ । ପ୍ରକୃତରେ ଉପସ୍ଥାପନ ହେଉଛି ଶିକ୍ଷାଦାନ-ଶିକ୍ଷଣର ମୁଖ୍ୟ ।

**ଉପକ୍ରମ :**

ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏହା ଆରମ୍ଭ ଅଟେ । ନୂଆପାଠର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ପ୍ରାରମ୍ଭରେ ଆପଣଙ୍କର ବିଦ୍ୟାର୍ଥୀମାନଙ୍କ ପୂର୍ବଶିକ୍ଷଣ ଅନୁଭୂତି ସଂପର୍କରେ ଧାରଣା ରହିବା ଦରକାର । ସେମାନଙ୍କ ଶିକ୍ଷା ଅନୁଭୂତିଗୁଡ଼ିକ ଆଧାରରେ ଆପଣ ସେମାନଙ୍କ ମଧ୍ୟରେ ନୂଆପାଠ ଶିକ୍ଷଣ ନିମିତ୍ତ ଆଗ୍ରହ ସୃଷ୍ଟି କରିପାରିବେ ଓ ସେମାନଙ୍କୁ ଅଭିପ୍ରେରିତ କରିପାରିବେ ।

ଆପଣ ଏଥିପାଇଁ ଯେତେଦୂର ସମ୍ଭବ ଶିକ୍ଷାଦାନ କରାଯିବାକୁ ଥିବା ପାଠ ସଂପର୍କିତ ଏକ ଛୋଟ ଓ ଅର୍ଥପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି । ପାଠଟି ପୂର୍ବ ଶିକ୍ଷାଦାନର ଅଂଶ ହୋଇଥିଲେ, ଆପଣ ଗୋଟିଏ ବା ଦୁଇଟି ପୁନର୍ବଳନ କାର୍ଯ୍ୟ ସାହାଯ୍ୟରେ ପୁନର୍ବଳନ ଶିକ୍ଷାର୍ଥୀମାନଙ୍କ ପୂର୍ବ ଶିକ୍ଷଣକୁ ପୁନଃସ୍ମରଣ ଓ ସୁଦୃଢ଼ କରିବାରେ ସହାୟତା କରିପାରିବେ । ତେଣୁ ଏହି ଉପକ୍ରମ କାର୍ଯ୍ୟଗୁଡ଼ିକ ମାଧ୍ୟମରେ ଆପଣ ଶିକ୍ଷାର୍ଥୀମାନଙ୍କୁ ପୂର୍ବ ଶିକ୍ଷଣକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବେ ଓ ସେମାନଙ୍କୁ ନୂତନ ପାଠ ଶିକ୍ଷଣରେ ଆଗ୍ରହୀ ଓ ଅଭିପ୍ରେରିତ କରିପାରିବେ । ଗୋଟିଏ ପାଠର ୪୦ ମିନିଟ୍ ସମୟ ଅବଧି ମଧ୍ୟରୁ ୫ରୁ ୭ମିନିଟ୍ ଉପକ୍ରମ କାର୍ଯ୍ୟଗୁଡ଼ିକ ପାଇଁ ବିନିଯୋଗ କରାଯାଇପାରେ ।

**ଉପସ୍ଥାପନ :**

ପାଠ ଯୋଜନାର ଏହା ଏକ କେନ୍ଦ୍ରୀୟ ଭାଗ ଅଟେ । ପାଠ ସମ୍ବନ୍ଧୀୟ ଯୋଜନା କରାଯାଇଥିବା ସମସ୍ତ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ଏହି ସୋପାନରେ ସଂଗଠିତ ହୋଇଥାଏ । ଶ୍ରେଣୀରେ କାର୍ଯ୍ୟ ସମ୍ପାଦନ କରିବା ଓ ନିର୍ଦ୍ଧାରିତ ଦକ୍ଷତାଗୁଡ଼ିକ ଆହରଣ କରିବା ପାଇଁ ଆପଣ ଶିକ୍ଷାର୍ଥୀମାନଙ୍କୁ ପରିବେଶ ଯୋଗାଇ ଦେବା ଆବଶ୍ୟକ । ସେମାନଙ୍କ ନୂତନ ଶିକ୍ଷଣକୁ ଦୃଢ଼ିଭୂତ କରିବା ନିମିତ୍ତ ଆପଣ ଏହି ସୋପାନରେ ସେମାନଙ୍କୁ ପୁନର୍ମିଳନ କାର୍ଯ୍ୟରେ ନିୟୋଜିତ କରିପାରିବେ । ଯୋଜନା ଅନୁସାରେ ପ୍ରତ୍ୟେକ ଶିକ୍ଷାର୍ଥୀ ବ୍ୟକ୍ତିଗତ ରୂପରେ କିମ୍ବା ଦଳରେ ଭାଗ ନେଇପାରନ୍ତି ତାହା ନିଶ୍ଚିତ କରିବା ନିମିତ୍ତ ଆପଣଙ୍କୁ ଯତ୍ନର ସହ ଯୋଜନା କରିବା ଦରକାର । ଆବଶ୍ୟକତା

ଅନୁଯାୟୀ ଗପ କହି, ଉଦାହରଣ ଦେଇ, କିନ୍ତୁ ଧାରଣାଗୁଡ଼ିକ ବର୍ଣ୍ଣନା କରି ଆପଣ ସିଧାସଳଖ ଭାବେ ଶିକ୍ଷାର୍ଥୀମାନଙ୍କୁ ବୁଝାଇ ଓ ପଢ଼ାଇ ପାରିବେ । ଆପଣ ଶ୍ରେଣୀରେ ସଂଗଠିତ କରିଥିବା ପାଠରୁ ଶିକ୍ଷାର୍ଥୀମାନେ କ'ଣ ଶିଖିଲେ ତାହା ଏହି ସୋପାନର ଶେଷ ଭାଗରେ ଆପଣଙ୍କୁ ସଂକ୍ଷେପଣ କରିବାକୁ ପଡ଼ିବ ।

**ଆକଳନ :**

ପାଠଯୋଜନାର ଏହା ଅନ୍ତିମ ଭାଗ ଅଟେ । ପାଠରେ ନିର୍ଦ୍ଧାରିତ ହୋଇଥିବା ଶୈକ୍ଷିକ ଫଳାଫଳକୁ ଶିକ୍ଷାର୍ଥୀମାନେ କେତେଦୂର ହାସଲ କରିଛନ୍ତି ସମ୍ଭବତଃ ଶେଷ ୫ ମିନିଟ୍ ସମୟ ଅବଧି ମଧ୍ୟରେ ଆପଣ ଆକଳନ କରିବା ଦରକାର । ଏଥିପାଇଁ ଆପଣ ପାଠର ଶୈକ୍ଷିକ ଫଳାଫଳ ଆଧାରିତ କେତେକ ମୌଖିକ ବସ୍ତୁନିଷ୍ଠ ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କୁ ପଚାରିପାରିବେ ଏବଂ ନିଜ ଯୋଜନା ଖାତାରେ କେତେ ପିଲା ଉକ୍ତ ପାଠଟିକୁ ବୁଝିଛନ୍ତି ତାହା ଦର୍ଶାଇପାରିବେ ।

**ଶିକ୍ଷାଦାନ-ଶିକ୍ଷଣ ପରବର୍ତ୍ତୀ :**

ନିମ୍ନଲିଖିତ ଦୁଇ ପ୍ରକାର କାର୍ଯ୍ୟ ଏହି ପର୍ଯ୍ୟାୟରେ ହାତକୁ ନିଆଯାଇପାରେ ।

- ନିର୍ଦ୍ଧାରିତ ଶୈକ୍ଷିକ ଫଳାଫଳ ହାସଲରେ ଶ୍ରେଣୀଗୃହ କାର୍ଯ୍ୟର ପ୍ରଭାବ ଜାଣିବା ନିମିତ୍ତ ଆପଣ ଶ୍ରେଣୀ ଗୃହ ଭିତରେ ବା ବାହାରେ ଏଗୁଡ଼ିକର ଅନୌପଚାରିକ ସମୀକ୍ଷା କରିପାରିବେ ।
- ଶିକ୍ଷାର୍ଥୀମାନଙ୍କ ଶିକ୍ଷଣକୁ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ଆପଣ ଗୃହକାର୍ଯ୍ୟ ପ୍ରଦାନ କରିପାରନ୍ତି । ଉଭୟ ଲିଖନ ଓ ପ୍ରକଳ୍ପ କାର୍ଯ୍ୟମାନ ଗୃହକାର୍ଯ୍ୟ ଭାବେ ଦିଆଯାଇପାରିବ । ପ୍ରତ୍ୟେକ ଶିକ୍ଷାର୍ଥୀକୁ ଅଲଗା ଗୃହକାର୍ଯ୍ୟ ଦିଆଯିବା ଦରକାର, ଯାହାଫଳରେ ସେମାନେ ଶିଖିବାକୁ ପ୍ରୋତ୍ସାହିତ ହେବେ ।

ଶିକ୍ଷାର୍ଥୀମାନଙ୍କର ଉତ୍ତର ଆଧାରରେ ପାଠର ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକ କେତେ ଦୂର ହାସଲ ହୋଇଛି ତାହା ଆପଣ ନିଶ୍ଚିତ କରିପାରିବେ । ପାଠର ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକ ସଂପୂର୍ଣ୍ଣ ହାସଲ ହୋଇ ନଥିବା ଯଦି ଜଣାପଡ଼େ, ତେବେ ତଦନୁସାରେ ଆପଣ ସଂପୃକ୍ତ ପାଠ ଯୋଜନାକୁ ପରିବର୍ତ୍ତନ କରିବେ । ପରବର୍ତ୍ତୀ ସ୍ତରରେ ସେହି ଶୈକ୍ଷିକ

ଉଦ୍ଦେଶ୍ୟଗୁଡ଼ିକ ପୂର୍ଣ୍ଣ ହାସଲ ନିମିତ୍ତ ପୁନଃଶିକ୍ଷଣ କରିବେ ।

**ପାଠ ଯୋଜନାର ରୂପ :**

ପାଠଯୋଜନା ଫର୍ଦ୍ଦ : ପଠନଯୋଜନାକୁ ଭୌତିକ ଆକାର ଦେବାପାଇଁ ନିମ୍ନରେ ଏକ ନମୁନା ଫର୍ଦ୍ଦ ପ୍ରଦାନ କରାଗଲା ।

(କ) ପ୍ରସ୍ତୁତି କାର୍ଯ୍ୟ

| **ବିଦ୍ୟାଳୟ** | **ଶୈକ୍ଷିକ ଫଳାଫଳ** | **ଶିକ୍ଷାଦାନ-ଶିକ୍ଷଣ ଉପକରଣ** |
|---|---|---|
| ତାରିଖ | ୧. | |
| ଶ୍ରେଣୀ | ୨. | |
| ବିଷୟ | ୩. | |
| ପ୍ରସଙ୍ଗ | ୪. | |
| ପିରିୟଡ଼ | ୫. | |
| ୪୦ମିନିଟ୍<br>ଗ୍ରହଣ କରାଯାଇଥିବା | ୬. | |
| ପଦ୍ଧତି | ୭. | ସ୍ୱତନ୍ତ୍ର ବ୍ୟବସ୍ଥା |

(ଖ) ଶିକ୍ଷାଦାନ-ଶିକ୍ଷଣ ସମୟର କ୍ରିୟାକଳାପ :

| ସୋପାନ | ନିର୍ଦ୍ଦିଷ୍ଟ ଫଳାଫଳ | ଶିକ୍ଷକଙ୍କ କାର୍ଯ୍ୟ | ଶିକ୍ଷାର୍ଥୀଙ୍କ କାର୍ଯ୍ୟ | ସ୍ୱତନ୍ତ୍ର ସୂଚନା |
|---|---|---|---|---|
| ଉପସ୍ଥାପନ | ସକ୍ରିୟାତ୍ମକ କାର୍ଯ୍ୟ | | | |
| ଉପସ୍ଥାପନ | ଦକ୍ଷତା / ଉପଦକ୍ଷତା ନଂ.- ୧ (କାର୍ଯ୍ୟ- ୧) | | | |
| | ଦକ୍ଷତା / ଉପଦକ୍ଷତା ନଂ- ୨ (କାର୍ଯ୍ୟ- ୨) | | | |
| | ସାରାଂଶ | | | |
| ଆକଳନ | ବ୍ୟକ୍ତିଗତ / ଦଳଗତ କାର୍ଯ୍ୟ | | | |

(ଗ) ଶିକ୍ଷାଦାନ-ଶିକ୍ଷଣର ପରବର୍ତ୍ତୀ ସମୟରେ କ୍ରିୟାକଳାପ :

- ଗୃହକାର୍ଯ୍ୟ
- ପୁନରାବୃତ୍ତି

**ଅଭ୍ୟାସ - ୪ :**

ପାଠଯୋଜନାର ତିନିଗୋଟି ସୋପାନ ମଧ୍ୟରୁ କେଉଁଟିରେ ସବୁଠାରୁ ଅଧିକ ସମୟ ବଣ୍ଟାଯାଇଛି ? କାହିଁକି ?

.................................................................................................

.................................................................................................

.................................................................................................



ଟିପ୍ପଣୀ

**ଅଭ୍ୟାସ - ୫ :**

ଗୃହକାର୍ଯ୍ୟ ଦେବାର ଉଦ୍ଦେଶ୍ୟ କ'ଣ ? ପ୍ରାଥମିକ ବିଦ୍ୟାଳୟର ନିମ୍ନଶ୍ରେଣୀମାନଙ୍କରେ ପଢୁଥିବା ପିଲାମାନଙ୍କୁ ଏହା ଦିଆଯିବା ଉଚିତ କି ? କାରଣ ସହିତ ଉତ୍ତର ଦିଅ ।

.................................................................................................

.................................................................................................

.................................................................................................

## ୮.୬ ପାଠ ଟୀକା / ପାଠ - ଡାଏରୀ :

ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ବ୍ୟତୀତ ଉଭୟ ଏକକ ଓ ବହୁଶ୍ରେଣୀ ପରିସ୍ଥିତିରେ ଦୈନିକ ୪ ରୁ ୫ଟି ପିରିୟଡରେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ଆପଣଙ୍କୁ କରିବାକୁ ପଡ଼ିଥାଏ । ଏହି ପରିସ୍ଥିତିରେ ପ୍ରତିଶ୍ରେଣୀର ପ୍ରତି ପିରିୟଡ ପାଇଁ ବିସ୍ତୃତ ପାଠଯୋଜନା ପ୍ରସ୍ତୁତ କରିବା ଆପଣଙ୍କ ପାଇଁ କଷ୍ଟକର ଓ ଆହ୍ୱାନମୂଳକ ହୋଇଥାଏ । ତେଣୁ ସଂକ୍ଷିପ୍ତ ପାଠ ଯୋଜନା ପ୍ରସ୍ତୁତି ଯାହାକୁ ପାଠଟୀକା / ପାଠଡାଏରୀ କୁହାଯାଏ ତାହା ଆପଣଙ୍କ ପାଇଁ ଏକ ବିକଳ୍ପ ଅଟେ । ଏକ ପାଠଟୀକାରେ ପାଠଯୋଜନାର ମୁଖ୍ୟ ଉପାଦାନଗୁଡ଼ିକ ସଂକ୍ଷିପ୍ତଭାବେ ଲିପିବଦ୍ଧ ହୋଇଥାଏ । ଜଣେ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ବିସ୍ତୃତ ପାଠଯୋଜନା ଅନ୍ୟ ଶିକ୍ଷକମାନଙ୍କ ଦ୍ୱାରା ବ୍ୟବହାର ହୋଇପାରିବ । କିନ୍ତୁ ଜଣେ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ପାଠଟୀକା କେବଳ ତାଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ ।

ତେଣୁ ଗୋଟିଏ ପାଠଟୀକା ବସ୍ତୁତଃ ଏକ ବ୍ୟକ୍ତିଗତ ଟୀକା ଯାହା ଆପଣଙ୍କ ଶ୍ରେଣୀକାର୍ଯ୍ୟ ପରିଚାଳନା ପାଇଁ ଆପଣଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ ।

ଗୋଟିଏ ଟୀକା ଏକ ପୃଷ୍ଠାରେ ଲେଖାଯାଇପାରେ । ଏକ ପାଠଟୀକାରେ ନିମ୍ନଲିଖିତ ମୌଳିକ ସୂଚନାଗୁଡ଼ିକ ଲିପିବଦ୍ଧ ହେବାର ଆବଶ୍ୟକତା ଅଛି ।

- ତାରିଖ, ଶ୍ରେଣୀ, ପିରିୟଡ, ବିଷୟ ଓ ପ୍ରସଙ୍ଗ

ଟିପ୍ପଣୀ

- ନିର୍ଦ୍ଦିଷ୍ଟ ଶୈକ୍ଷିକ ଫଳାଫଳ
- ଆବଶ୍ୟକୀୟ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ
- ନିର୍ଦ୍ଦିଷ୍ଟ ଶୈକ୍ଷିକ କାର୍ଯ୍ୟ (ଯଦି ଶିକ୍ଷଣକାର୍ଯ୍ୟ ବ୍ୟାଙ୍କରୁ ସଂଗ୍ରହ ହୋଇଥାଏ, କାର୍ଯ୍ୟର କ୍ରମିକ ନମ୍ବର)
- ଶିକ୍ଷାଦାନ ଓ ଆକଳନକୁ ସହାୟତା ଦେଉଥିବା ମୁଖ୍ୟପ୍ରଶ୍ନସବୁ ଓ ପ୍ରତ୍ୟେକ ମୁଖ୍ୟ କାର୍ଯ୍ୟଗୁଡ଼ିକ ପାଇଁ ପ୍ରାୟତଃ ଆବଶ୍ୟକ ସମୟ ।

ନିମ୍ନଲିଖିତ ନମୁନା ଫର୍ଦ୍ଦ ଗୋଟିଏ ପାଠଟୀକା ଲେଖିବା ପାଇଁ ବ୍ୟବହାର କରାଯାଇପାରେ ।

ତାରିଖ :

ପିରିୟଡ :

ଶ୍ରେଣୀ ବିଷୟ : ପ୍ରସଙ୍ଗ

| ଉପସ୍ଥାପିତ ଓ ଆଲୋଚିତ ହୋଇଥିବା ପ୍ରସଙ୍ଗ | ସମାପ୍ତ ନା ଅସମାପ୍ତ | ସମାପ୍ତ ନ ହେବାର କାରଣ | ଶ୍ରେଣୀରେ ବାହାରିଥିବା କୌଣସି ନୂତନ ଧାରଣା |
|---|---|---|---|
| | | | |

ଅତିକମରେ ବିଦ୍ୟାଳୟ ସମୟ ମଧ୍ୟରେ ଆପଣଙ୍କୁ ସର୍ବଦା ପାଠଟୀକାକୁ ଆପଣଙ୍କ ପାଖରେ ରଖିବାକୁ ପଡିବ । ଗୋଟିଏ ପିରିୟଡର ପାଠ ସମାପ୍ତି ପରେ ଏହାର ଅଗ୍ରଗତି ସଂପର୍କିତ ତଥ୍ୟ (ସମାପ୍ତ ବା ଅସମାପ୍ତ) ପାଠଟୀକାର ତଳେ ବା ନିର୍ଦ୍ଧାରିତ ସ୍ଥାନରେ ଆପଣଙ୍କୁ ଲିପିବଦ୍ଧ କରିବାକୁ ହେବ । ଯଦି ଅସମାପ୍ତ ରହେ ତେବେ ଏହାର କାରଣଗୁଡ଼ିକ ଲିପିବଦ୍ଧ କରିବାକୁ ପଡ଼ିବ । ଫଳରେ ପରବର୍ତ୍ତୀ ପାଠଗୁଡ଼ିକର ଯୋଜନା କରିବା ସମୟରେ ଏଥିପ୍ରତି ଯତ୍ନ ନିଆଯାଇପାରିବ । ଶ୍ରେଣୀ ପରିଚାଳନା ସମୟରେ କୌଣସି ନୂତନ ଅଭିଜ୍ଞତାମାନ ହାସଲ ହୋଇଥିଲେ ବା ନୂତନ କୌଶଳ ବାହାରିଥିଲେ

ଟିପ୍ପଣୀ

ତାହା ଭବିଷ୍ୟତ ସୂଚନା ବା ବ୍ୟବହାର ପାଇଁ ପାଠ ଟୀକାରେ ମଧ୍ୟ ଲିପିବଦ୍ଧ କରାଯାଇପାରେ । ନିୟମିତ ପାଠଟୀକା ଲିଖିତ ଆପଣଙ୍କୁ ଆପଣଙ୍କ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟଗୁଡ଼ିକ ସୁବ୍ୟବସ୍ଥିତ କରିବାରେ ସାହାଯ୍ୟ କରିବ ।

## ୮.୭ ସାରାଂଶ

- ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ସାମଗ୍ରୀକ ବିକାଶ – ବୌଦ୍ଧିକ ଓ ବ୍ୟକ୍ତିତ୍ୱର ବିକାଶରେ ଉପଯୁକ୍ତ ଭାବେ ଯୋଜନା କରାଯାଇଥିବା ଶୈକ୍ଷିକ କାର୍ଯ୍ୟ ଉଭୟ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।
- ପରୀକ୍ଷା ପରିଚାଳନା, ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ, ପ୍ରତିକାରମୂଳକ ଶିକ୍ଷାଦାନ ଗ୍ରହଣ ଆଦି ଯାହା ଶିକ୍ଷାର୍ଥୀମାନଙ୍କ ବୌଦ୍ଧିକ ବିକାଶର ସହାୟକ ହୋଇଥାଏ ସେଗୁଡ଼ିକ ଶୈକ୍ଷିକ କାର୍ଯ୍ୟର ଅନ୍ତର୍ଭୁକ୍ତ ଅଟେ ।
- କ୍ରୀଡ଼ା, ଖେଳକୁଦ, ନାଚ, ଅଭିନୟ, ଗୀତ, ପରିଭ୍ରମଣ, ଚିତ୍ରାଙ୍କନ, ତର୍କ, ପ୍ରଦର୍ଶନୀ ଆଦି ଯାହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବ୍ୟକ୍ତିତ୍ୱ ବିକାଶ, ଅନ୍ତର୍ନିହିତ ଶକ୍ତିର ପ୍ରକାଶ, ଆଗ୍ରହର ଉନ୍ମୋଚନ, ଶୈକ୍ଷିକ କାର୍ଯ୍ୟର ଅନୁପୂରଣ ଓ ସାମାଜିକ କରଣରେ ସହାୟତା ପ୍ରଦାନ କରିଥାଏ ସେଗୁଡିକ ସହ ଶୈକ୍ଷିକ କାର୍ଯ୍ୟର ଅନ୍ତର୍ଭୁକ୍ତ ।
- ସହଶୈକ୍ଷିକ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଶାରୀରିକ, ପେଶୀୟ, ସାହିତ୍ୟିକ, ସୌନ୍ଦର୍ଯ୍ୟବୋଧଭିତ୍ତିକ ସାଂସ୍କୃତିକ, ନାଗରୀକ, ସାମାଜିକ, ମନସ୍ତାତ୍ତ୍ୱିକ ଓ ନୈତିକ ବିକାଶରେ ସହାୟତା କରେ । ଫଳରେ ସେମାନଙ୍କ ଦୃଷ୍ଟିକୋଣ ବ୍ୟାପକ ହୋଇଥାଏ ।
- ସହ ଶୈକ୍ଷିକ କାର୍ଯ୍ୟଗୁଡ଼ିକର ଯୋଜନା କରିବା ସମୟରେ କାର୍ଯ୍ୟଗୁଡ଼ିକର ନ୍ୟାୟସଙ୍ଗତ ନିର୍ବାଚନ, ସମୟ ଓ ସ୍ଥାନର ବ୍ୟବସ୍ଥା, ଅଭିପ୍ରେରଣର ବ୍ୟବସ୍ଥା, ଅଭିପ୍ରେରଣର ବ୍ୟବସ୍ଥା, ଉପଦେଶ ଓ ପ୍ରତିପୁଷ୍ଟି ପ୍ରଦାନର ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକର ବିଚାର କରିବାକୁ ପଡ଼ିବ ।



ଟିପ୍ପଣୀ

- ପାଠଖସଡା ପ୍ରସ୍ତୁତ କରିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ସପ୍ତାହ, ମାସ ଓ ପୁରା ଶିକ୍ଷାବର୍ଷକୁ ବିସ୍ତାର କରି ବିସ୍ତୃତଭାବେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟରେ କରାଯାଇଥିବା ଶୈକ୍ଷିକ କାର୍ଯ୍ୟଗୁଡ଼ିକର (ଶିକ୍ଷାଦାନ ଓ ଶୈକ୍ଷିକ କାର୍ଯ୍ୟ) ଯୋଜନକୁ ପାଠଖସଡା ଭାବେ ସୂଚିତ କରାଯାଏ ।
- ମାସ ଓ ବର୍ଷର ପାଠଖସଡା କରାଯାଇପାରେ ।
- ଗୋଟିଏ କାର୍ଯ୍ୟକାରୀ ପାଠଖସଡା ପ୍ରସ୍ତୁତ କରିବା ସମୟରେ ଶିକ୍ଷାବର୍ଷରେ ମିଳୁଥିବା ପ୍ରକୃତ କାର୍ଯ୍ୟଦିବସର ସଂଖ୍ୟା, ପାଠ୍ୟସୂଚୀରେ ଗୋଟିଏ ବିଷୟର ଶିକ୍ଷାଦାନ ପାଇଁ ଆବଶ୍ୟକ ହେଉଥିବା ମୋଟ ପିରିୟଡ଼ ସଂଖ୍ୟା, ବିଷୟର ଶିକ୍ଷାଦାନ ପାଇଁ ସପ୍ତାହ ଓ ମାସ ଅନୁସାରେ ମିଳିଥିବା ମୋଟ ପିରିୟଡ ସଂଖ୍ୟା ଆଦିକୁ ବିଚାରକୁ ନିଆଯାଏ ।
- ଏକକ ପାଠ ଯୋଜନା ଆଉ ଏକ ଶୈକ୍ଷିକ ଉପାଦାନ । ଗୋଟିଏ ଏକକ ପାଠ ଯୋଜନା ଏକ ସମସ୍ୟା ବା ଉଦ୍ଦେଶ୍ୟକୁ କେନ୍ଦ୍ରକରି ଉତ୍ତମ, ଅର୍ଥପୂର୍ଣ୍ଣ ଭାବେ ସମନ୍ୱିତ ହୋଇଥାଏ ଯାହା ଇପସିତ ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବାରେ ଶିକ୍ଷାର୍ଥୀମାନଙ୍କୁ ଉପଯୋଗୀ ଶୈକ୍ଷିକ ଅଭିଜ୍ଞତା ପ୍ରଦାନରେ ସମର୍ଥ ହୋଇଥାଏ ।
- ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରୁ ଏକ ଏକକର ଶିକ୍ଷାଦାନ ଶିକ୍ଷଣ ସଂପର୍କିତ ଶୈକ୍ଷିକ କାର୍ଯ୍ୟଗୁଡ଼ିକର ଯୋଜନାକୁ ଏକକ ପାଠ ଯୋଜନା ସୂଚିତ କରେ ।
- ଏକକପାଠ ଯୋଜନା ପ୍ରସ୍ତୁତ ପ୍ରକ୍ରିୟାରେ ଚାରିଗୋଟି କାର୍ଯ୍ୟ ଅନ୍ତର୍ଭୁକ୍ତ ଯଥା ଉପଯୁକ୍ତ ଏକକ ଓ ଉପ ଏକକ ଗଠନ, ଏକକ ସଂପର୍କିତ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ନିର୍ଦ୍ଧାରଣ, ପଦ୍ଧତି ଓ କୌଶଳ ନିର୍ବାଚନ ଏବଂ ମୂଲ୍ୟାୟନ ସାଧନୀ / କୌଶଳ ଆଦିକୁ ସ୍ଥିର କରିବ ।
- ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ବା ପ୍ରସଙ୍ଗକୁ ଶ୍ରେଣୀଗୃହରେ ପରିଚାଳନା ସମୟରେ କରାଯାଇଥିବା ବିସ୍ତୃତ ଯୋଜନାବଦ୍ଧ କାର୍ଯ୍ୟଗୁଡ଼ିକର ଲିଖିତ ପରିପ୍ରକାଶକୁ ପାଠ ଯୋଜନା ସୂଚିତ କରିଥାଏ ।
- ଗୋଟିଏ ପାଠଯୋଜନାର ସମସ୍ତ କାର୍ଯ୍ୟକୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ ଯଥା ଶିକ୍ଷଣ ଶିକ୍ଷାଦାନପୂର୍ବକାର୍ଯ୍ୟ, ଶିକ୍ଷଣ-ଶିକ୍ଷାଦାନ ସମୟର କାର୍ଯ୍ୟ ଓ ଶିକ୍ଷଣ-ଶିକ୍ଷାଦାନ ପରବର୍ତ୍ତୀ କାର୍ଯ୍ୟ । ପାରଂପରିକ ସୋପାନର କାର୍ଯ୍ୟଗୁଡ଼ିକ

ଯଥାକ୍ରମେ ଉପକ୍ରମ, ଉପସ୍ଥାପନ ଓ ମୂଲ୍ୟାୟନ ସହିତ ସମାନ ।

- ଗୋଟିଏ ପାଠଟୀକା ବିସ୍ତୃତ ପାଠ ଯୋଜନାର ଏକ ସଂକ୍ଷିପ୍ତ ଲେଖା ଯାହା ଶିକ୍ଷକଙ୍କୁ ଶ୍ରେଣୀରେ ବ୍ୟବସ୍ଥିତ ଭାବେ ଅଗ୍ରସର ହେବାପାଇଁ ସାହାଯ୍ୟ କରେ ।

୮.୮ ଆପଣଙ୍କ ଅଗ୍ରଗତି ତଦାରଖ ପାଇଁ ଆଦର୍ଶ ଉତ୍ତର ନମୁନା

ଅଭ୍ୟାସକାର୍ଯ୍ୟ-୧ : ବାସ୍ତବଜୀବନରେ କୌଶଳ / ଦକ୍ଷତା ବିକାଶରେ ସହାୟତା

(୨) ଶିକ୍ଷଣର ସାମଗ୍ରିକ ବିକାଶ ପାଇଁ

ଅଭ୍ୟାସକାର୍ଯ୍ୟ-୨

(୧) ଗୋଟିଏ ଶ୍ରେଣୀ ପାଇଁ ଗୋଟିଏ ବିଷୟର ନିର୍ଦ୍ଧାରିତ ପ୍ରସଙ୍ଗ ଓ ଶୈକ୍ଷିକ ଫଳାଫଳର ବ୍ୟବସ୍ଥିତ ରୂପରେଖ ପାଠସୂଚୀ ଅଟେ ।

(୨) ରାଜ୍ୟ / ପରିଷଦର ସମସ୍ତ ବିଦ୍ୟାଳୟ ପାଇଁ ପ୍ରତି ବିଷୟରେ ପ୍ରତିଶ୍ରେଣୀ ପାଇଁ ପାଠସୂଚୀ ପ୍ରସ୍ତୁତ ହୋଇଥିବାବେଳେ ପାଠଖସଡ଼ା ସେହି ବିଦ୍ୟାଳୟରେ ପଢାଉଥିବା ବିଷୟ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ ।

ଅଭ୍ୟାସକାର୍ଯ୍ୟ-୩

ଅଭ୍ୟାସକାର୍ଯ୍ୟ-୪ ଉପସ୍ଥାପନ (କାରଣ ଦର୍ଶାଅ)